


Digitized by srujanika@gmail.com

# ମନ ମହକିଆ

# ଶୁଆ ଶାରୀ କାହାଣୀ

( ତୃତୀୟ ଭାଗ )

## ସନ୍ଧ୍ୟାବାଳୀ, ପ୍ରବୀର କୁମାର ଓ କନକ ଚମ୍ପା କାହାଣୀ

ସାଖ ଆରମ୍ଭ କଲା—ଠିକ୍ ଚନ୍ଦ୍ର ମଣ୍ଡଳରୁ ।

ପ୍ରବୀର କୁମାରକୁ ଅନାଇ ଅନାଇ ସନ୍ଧ୍ୟାବାଳୀ ଆଖିରୁ ପାଣି ମଲାଣି । ତେବେ ସୁଦ୍ଧା ସେ ଆସିଲ ନାହାନ୍ତି । ଭାବିଲା—କାଳ ଚକ୍ରର କ'ଣ ଠିକ୍ ନୁହେଁ, ନା ମୋ ଗଣନାରେ ଭୁଲ ରହିଗଲା ? କଥା ହୋଇଥିଲା ବାପ, ମାଆ, ପୁଅ ସମସ୍ତେ ଏକାଠି ହେଲା ପରେ ସେ ଏଠାକୁ ଆସିବେ । ତା ପରେ ବାହାଘର ହେବ । ନ ଆସିଲେ କାହିଁକି ? ଏମିତି ନାନାପ୍ରକାର ଭାବନାରେ ବୁଡ଼ି ରହିଥାଏ ସନ୍ଧ୍ୟା ।

ଏଣେ ପ୍ରବୀର ଗଙ୍ଗା ଦେବୀଙ୍କ ଆଦେଶ ନ ପାଇଲେ ଯାଇ ପାରୁ ନ ଥାଏ । ବାପ ପୁଅ ଖୁବ୍ ମନ ମିଳାଇ ଚଳୁଥାନ୍ତି । ମଧୁବାଳା ପ୍ରବୀରକୁ ଦେଖା କରେ । ଭଲ, ମନ୍ଦ କଥା ବାର୍ତ୍ତା ହୁଏ । ଶ୍ୟାମ କୁମାରର ଛାଇ ଯେପରି ତା ଆଶ୍ରମର କୌଣସି ପଦାର୍ଥ ଉପରେ ନ ପଡ଼ିବ, ସେଥିପାଇଁ ଖୁବ୍ ସାବଧାନ କରି ଦେଉଥାଏ ।

ଶ୍ୟାମ କୁମାର ନିଜକୁ ଦୋଷୀ ବୋଲି ସାବ୍ୟସ୍ତ କରି ସାରିଛି । ଆଜି ବା କେଉଁ ମୁହଁରେ ଯାଇ ଦେଖା କରିବ

Digitized by srujan ka@gmail.com

ମଧୁବାଳାକୁ । ସବୁବେଳେ ତାର ସେଇ ଚିନ୍ତା, ସବୁବେଳେ ସେଇ ଦୁଃଖ । ଧକ ଧକ ବୁକୁ ଫାଟିଗଲ ପରି ଲାଗେ । ମୁଣ୍ଡ ଭିତରେ ଛୁଟେ ଚକ୍ର ପବନ । ପାଖରେ ନିଜର ସ୍ୱାମୀ ଥାଇ ଦେଖା ସାକ୍ଷାତ ହେବାକୁ ଏଭଳି କଟକଣା ସେ ବର୍ଦ୍ଦାସ୍ତ କରି ପାରିଲା ନାହିଁ । ସେଠାରୁ ଦିନେ ଆତ୍ମହତ୍ୟା କଲା ।

ଭାରି ଦୁଃଖିତ ହେଲା ପ୍ରବୀର । ଭାବିଲା କୁଆଡ଼େ ପଳାଇ ଯିବ । ମଧୁବାଳା ତାକୁ ବୁଝାଇ ସୁଝାଇ କହିଲା—ତବ ମନ୍ଦ ଭାଗ୍ୟ । କେହି ହେଲେ ତମ୍ବାରେ ମୁଣ୍ଡ ବାନ୍ଧି ରହେ ନାହିଁ । ଦିନେ ନା ଦିନେ ମରିବାକୁ ପଡ଼େ । ଏଥିପାଇଁ ତୁ ଦୁଃଖ କରନା । ମନ ରଖି ଧୈର୍ଯ୍ୟ ଧର । ବୁଦ୍ଧି ଅକଲ ଖଟା । ସଂସାର କରି ସୁଖୀ ହେବୁ । କଲ୍ୟାଣମୟୀ ମାଆର ତୋ ପ୍ରତି ଆଶୀର୍ବାଦ ଅଛି ।

କଲ୍ୟାଣମୟୀର ଆଜ୍ଞା । ପ୍ରବୀର କେବେ ହେଲେ ସ୍ୱପ୍ନେ ନାହିଁ ଅବଜ୍ଞା କରିବାକୁ । ତେଣୁ ମନରୁ ସକଳ ଦୁଃଖ ଚିନ୍ତା ଭୁଲି ଲାଗି ପଡ଼ିଲା କେବଳ ତାର ସେବାରେ । କିଛି ଦିନ ପରେ ଗଙ୍ଗା ଦେବୀ ଆସିଲେ । ମଧୁବାଳା ଓ ପ୍ରବୀରକୁ ଆଶୀର୍ବାଦ ଦେଇ ଦୁଃଖ ସୁଖ କଥା ବୁଝିଲେ । ପ୍ରବୀର ସନ୍ଧ୍ୟାବାଳୀ କଥା ତାଙ୍କ ଆଗରେ କହିଲା । ମା ଗଙ୍ଗା ଦେବୀଙ୍କୁ ବା ଅଜଣା କେଉଁ କଥା ? ଦେବ ଦେବ ମହାଦେବଙ୍କ ଦୟାରୁ ସବୁଥାଏ ତାଙ୍କ ନଖ ଦର୍ପଣରେ । ତେଣୁ ସେ ମୁରୁକି ହସା ଦେଇ କହିଲେ—ଏଥରକ ତୁ ଚନ୍ଦ୍ର ମହଲକୁ ଯାଇ ପାରୁ ପ୍ରବୀର । ମୋର କି ତୋ ମାଆର ଆପତ୍ତି କରିବାର କୌଣସି କାରଣ ନାହିଁ । ପୁରୁଷ ପୁଅ ଜନ୍ମ ପାଇଛୁ ବାହୁ ବଳରେ ଝାଡ଼ ଜଙ୍ଗଲ ପିଟି ତୋ ସଂସାର ଗଢ଼ିବୁ । ବାପ ମାଆଙ୍କ ନାଁ ରଖି ଯଶ ପତାକା ଉଡ଼ାଇବୁ ।

ଏ କଥା ଶୁଣି ପ୍ରବୀର ବାହାରି ପଡ଼ିଲା ଚନ୍ଦ୍ର ମହଲକୁ । ଗଙ୍ଗା ଦେବୀ ତାକୁ ଗୋଟିଏ ଦୁର୍ଲଭ ଜଡ଼ି ପିନ୍ଧାଇ ଦେଇ,

Digitized by srujan ka@gmail.com

ହେଲେ ଗୋଟିଏ ଧନୁ ଓ ପାଞ୍ଚୋଟି ଶର । ଗୋଟିଏ କରୁଣା, ଗୋଟିଏ ପଙ୍କିଳା, ଗୋଟିଏ ପଦ୍ମବନ, ଗୋଟିଏ କଣ୍ଟକ ଏବଂ ଆଉ ଅମୃତା । ସବୁ ଗୁଡ଼ିକ ନେଇ ବାହାରି ପଡ଼ିଲା ପ୍ରବୀର । ପୂର୍ବରୁ ତା ପାଖରେ ମାଟି ସାପଟି ଥାଏ ।

ଦିନ ରାତି ବିଶ୍ରାମ ନାହିଁ ତାର । ସବୁବେଳେ ସନ୍ଧ୍ୟାବଳୀ କଥା ମନେ ପଡ଼ି ଯାଉଥାଏ । କେମିତି ଶୀଘ୍ର ପହଞ୍ଚିବ, ଏଇ ହେଲା ଚିନ୍ତା । ତେଣୁ ସେ ପୂରା ଦମ୍‌ରେ ଚାଲିଲା । ଅନେକ ଦୂର ପରେ ପଡ଼ିଲା ଖଣ୍ଡିଏ ରାଜ୍ୟ । ଦେଖିବାକୁ ଛୋଟିଆ ହେଲେ ବି ସୁନ୍ଦର । ଦୁର୍ଗଟିଏ ଠିଆ ହୋଇଛି ଖୁବ୍ ଦମ୍ଭ ଗର୍ବରେ । କାନ୍ଥରେ ତାର ଚୁଏଣୀ ହୋଇଛି ଖାଲି ସୁନାପତର । ଖରା ତେଜକୁ ଝଲ ଦାଉ ଦାଉ ଦେଖା ଯାଉଛି । ଦୁର୍ଗ ଚାରି ପାଖ ଯାକ ଘେରିଯାଇ ବୁଲି ଯାଇଛି ନଈଟିଏ । କଳା ଝୁମର ପାଣି । କୂଳ ଯାକ ପଡ଼ିଛି ଶଙ୍ଖ ମଲମଲ ପଥର । ଗାଧୁଆ ପାଧୁଆ କରିବା ଲୋକମାନେ ସେଥିରେ ଗୋଡ଼ ଘଷନ୍ତି । ବୁଲି ବୁଲି କରି ସ୍ଥାନଟାକୁ ଦେଖିନେଲା ପ୍ରବୀର । ସାମନାର ଖଣ୍ଡିଏ ପଟା ପଥରରେ ଲେଖା ହୋଇଛି ଶଙ୍ଖ ଦୁର୍ଗ । ହେଲେ କଣ ହେବ, ଏଡ଼େ ବଡ଼ ଦୁର୍ଗଟାରେ ଗୋଟିଏ ହେଲେ ମଣିଷ ନାହିଁ । ଭାରି ଆଶ୍ଚର୍ଯ୍ୟ ଲାଗିଲା ତାକୁ । କାରଣଟା କଣ, କାହିଁକି ଏଭଳି ଗୋଟିଏ ଦୁର୍ଗରେ ମଣିଷ ନାହାନ୍ତି, ଏ କଥା ଜାଣିବାକୁ ଭାରି ଇଚ୍ଛା ହେଲା ।

କହନ୍ତି ବା କିଏ ? ଦୁର୍ଗର ଇତିହାସ ବା କ'ଣ ? ଏମିତି ନାନା ଭାବନାରେ ବ୍ୟତିବ୍ୟସ୍ତ ହୋଇ ବୁଲୁ ବୁଲୁ ଗାଧୋଇବା ପାଇଁ ଇଚ୍ଛା ହେଲା । ଗଲା ଗାଧୋଇବାକୁ । ନଦୀର ସବୁ ସ୍ଥାନରେ ଭୁଠ ଥାଏ କିନ୍ତୁ ଅସୁବିଧା ହେଲା ନାହିଁ । ପାଣିରେ ପଶି ମନ ଶାନ୍ତି କରି ଗାଧୋଉଛି ଏମିତି ବେଳେ ଦେଖିଲା ଭାସି ଯାଉଛି ଗୋଟିଏ [illegible]ଖୁଣ ଚମ୍ପା । ବର୍ଣ୍ଣ ତାର କଞ୍ଚା ହଳଦୀ ପରି । ତା ଗନ୍ଧରୁ ଆଉ

Digitized by srujan ka@gmail.com

ଗୋଟିଏ, ତା ପଛକୁ ଆଉ ଗୋଟିଏ । ପ୍ରତି ଲତାକୁ ଲତା ଗୋଟିଏ ପଛକୁ ଗୋଟିଏ ଲେଖାଁ ସାତୋଟି ଫୁଲ ଧରି ସାରି ଦେଖେ ତ ସେ ଗୁଡ଼ିକ ସବୁ ସୁନାରେ ତିଆରି । ମନରେ କୌତୁକ ଆସିଲା ବହୁତ । ଫୁଲ ଗୁଡ଼ିକ କୋଉଠୁ ଆସୁଛି ଏ କଥା ଜାଣିବାକୁ ବାହାରିଲା ସେ ।

କିପରି ଜାଣିବ, କ'ଣ କରିବ, ଏଥିପାଇଁ ପାଣି ଭିତରେ ଭିତରେ ଗଲା ବୁଲି ବୁଲି ତା ଉପର ମୁଣ୍ଡକୁ । କିଛି ଦୂର ଗଲା ପରେ, ବାଟ ତାର ବନ୍ଦ ହେଲା । ନଈ କୂଳରେ ଗୋଟିଏ ଶ୍ରେଷ୍ଠ ଝାମ୍ପୁଡ଼ିଆ ଗଛ । ସେଥିରେ ଥୋକେଇ ଥୋକେଇ ଫୁଲ ଫୁଟିଛି । ଫୁଲ ଗୁଡ଼ିକ ସୁନା । ପତ୍ର ଗୁଡ଼ିକ ରୂପା ଓ ଗଛ ଗଣ୍ଡି ଏବଂ ଡାଳ ସାଜ ତମ୍ବାରେ ତିଆରି ।

କାକା କାଠ ହୋଇ ତାକୁ ଦଣ୍ଡେ ଅନାଇ ରହିଲା ପ୍ରବୀର । ତା ପରେ ହାତ ବଢ଼ାଇଲା ଗୋଟିଏ ତୋଳିବାକୁ । ସଙ୍ଗେ ସଙ୍ଗେ ତା ଭିତରୁ ଶୁଣାଗଲା ମଣିଷ କାନ୍ଦିବା ପରି ଗୋଟିଏଁ କାନ୍ଦଣା । ତାହାର ଅର୍ଥ—

ଥିରି ଥିରି କରି ତୋଳିବ ବିଦେଶୀ ପତ୍ର ଯେପରି ନ ଝିଙ୍କିରେ
ଦୁଷ୍ଟ ସାପ ଭଳି ଖଣ୍ଡାରେ ହାଣିଛି ତେଣୁ ମୋର ଦେହ ଥରେ ।

ଚମକି ପଡ଼ିଲା ପ୍ରବୀର । ମନ ଭିତରେ ତାର ପ୍ରଚଣ୍ଡ ଆଘାତ ଲାଗିଲା । ଗଛଟା ମଣିଷ ପରି କଥା କହି କାନ୍ଦୁଛି । ଏହା କ'ଣ ମାୟା ? ନାଁ ଏଥିରେ ଭୂତ ପ୍ରେତ କି ଡାହାଣୀ ଚଗୁଣୀ କିଏ ବିଶ୍ରାମ କରିଛି ? ପ୍ରଶ୍ନବାଚୀର ଲହଡ଼ି ଖେଳିଲା ପ୍ରବୀରର ମନରେ । ଫୁଲ ତୋଳିବାକୁ ଆଉ ହାତ ନ ବଢ଼ାଇ କେବଳ ପଚାରିଲା—

ଆହେ ବୃକ୍ଷରାଜ କି ରହସ୍ୟ ତୁମେ
ଲୁଚିଛି ଶରୀରରେ
ଦୟା କରି ମୋର ପାଖେ ବ୍ୟକ୍ତ କର
ଜଣାଉଛି ଭକ୍ତି ଭରେ ।

Digitized by srujan ka@gmail.com

ଗଛ କହିଲା—

ମୁହିଁ ବୃକ୍ଷରାଜ          ବୃକ୍ଷରାଣୀ ବୋଲି
ସମ୍ବୋଧନ ମୋତେ କର
କାହାଣୀ ଶୁଣିବା          ଇଚ୍ଛା ଥିଲେ ଆଜ
ଟିକକ ଧଇର୍ଯ୍ୟ ଧର ।
ନିର୍ଜନ ରାତିରେ          ନିଦ୍ରା ପରିହରି
ବସିବ ମୋହରି ମୂଳେ
ଅଙ୍ଗେ ଲଗ୍ନଇବା          କାହାଣୀ କହିବ
ମିଥ୍ୟା ତ ନ ଥିବ ତଳେ ।

ସେଇ କଥାରେ ରାଜି ହୋଇ ପ୍ରବୀର ଗଲା ବନସ୍ତ ଭିତରକୁ । ବନସାରା ଫଳ, ମୂଳ ତୋଳି ଖାଇଲା । ବନ ଶୋଭା ଦେଖି ଖୁସି ହେଲା । ରାତି ହେଲରୁ ଲେଉଟି ଆସିଲା ସେଇ ଗଛ ମୂଳକୁ । ସନ୍ଧ୍ୟା ପ୍ରହର ଗତ ହୋଇ ଦ୍ୱିତୀୟ ପ୍ରହର ଆସିଲା ମାତ୍ରେ ଗଛ ଉପରୁ ଶୁଣାଗଲା ଗୋଟିଏ ଯୁବତୀର ସ୍ୱର ।

ଆସିଲ ବଟେଣୀ ?
ତୁମେ କହିଥିଲ ପରା ।
କାହାଣୀ ଶୁଣିବ ?
ଶୁଣିବାକୁ ତ ଉତ୍କଣ୍ଠ ।
ଶାନ୍ତ ମନରେ ଟିକା ପକାଇ ବସ । ମୁଁ କହିବି ।

ବସିଲା ଦୃଢ଼ ଆସନରେ ପ୍ରବୀର । ଯୋଗ, ଲକ୍ଷ୍ୟ ଓ ଧ୍ୟାନ ରହିଲା କାହାଣୀ ଶୁଣିବାରେ । ଉତ୍କଣ୍ଠା ବଢ଼ି ଚାଲିଲା ଆଗକୁ । ଗୋଟିଏ ଗଛର ପୂର୍ବ ଇତିହାସ ଶୁଣିବ । କେତେ କି ଘଟଣା ଘଟି ଯାଇଛି ଏ ଶଙ୍ଖ ଦୁର୍ଦ୍ଦିନରେ । ଯାହା ଆଜ ପର୍ଯ୍ୟନ୍ତ ଲୋକଲୋଚନର ଅନ୍ତରାଳରେ ଛପି ରହିଛି । ସେଇ କଥା ପ୍ରକାଶ ପାଇବ ଏଇ ସ୍ୱର୍ଣ୍ଣ ଚମ୍ପା ଗଛରୁ ।

Digitized by srujan ka@gmail.com

ଟିକଏ ପରେ । ପ୍ରଥମେ ଗୁଂଜରି ଉଠିଲ ଅବଳା କଣ୍ଠରୁ ମୃଦୁ କ୍ରନ୍ଦନର ଲହରୀ । ଗଛ ଡାଳରୁ ଲୁହଟୋପା ପାଣି ତଳକୁ ଖସିଲ । ତାପରେ—

ତା ପରେ ଆରମ୍ଭ କଲା ଗଛ ମଣିଷ ପରି । ବିଦେଶୀ ବନ୍ଧୁ ! ମୁଁ ଗୋଟିଏ ଅଭାଗିନୀ ଓ ଦୁଃଖିନୀ କନ୍ୟା । ମୋ ଅସରନ୍ତି ଦୁଃଖ କଥା କେହି ଆଜଯାଏ ଶୁଣିବା ପାଇଁ ଶ୍ରଦ୍ଧା କରି ନ ଥିଲେ । ତୁମକୁ ଅଶେଷ ଧନ୍ୟବାଦ ଯେ ତୁମେ ଦୁଃଖ କଷ୍ଟ ସହି ରାତି କାଳର ଓ ଅନ୍ଧାରରେ ବସିଛ ସେଇତକ ଶୁଣିବାକୁ, ଶୁଣ ।

ବହୁତ ଦିନ ତଳର କଥା । ଏଠି ଜଣେ ରଜା ଥିଲେ । ତାଙ୍କ ନାଁ ଥିଲା କିଶୋର ଜଗଦେବ ଭ୍ରମରବର ରାୟ । ଭାରି ପ୍ରତାପୀ ଯେ । ବାହୁ ବଳରେ ଅନେକ ରାଜ୍ୟ ଜିଣି ହୋଇଥିଲେ ଏକଚ୍ଛତ୍ର ରାଜେଶ୍ୱର । ଲୋକ ଗହଳରେ ରହିବାକୁ ତାଙ୍କୁ ମୋଟେ ଭଲ ଲାଗୁ ନ ଥିଲା । ତେଣୁ ସେ ଆସି ଏଇ ନିବିଡ଼ ବନସ୍ତରେ ଥିଲେ ଦୁର୍ଗ ତୋଳି ରହିଲେ । ତାଙ୍କର ଆମେ ପୁଅ ଝିଅ ହୋଇ ମୋଟେ ଥିଲୁ ତିନୋଟି । ବଡ଼ ଭାଇଙ୍କ ନାଁ ପଦ୍ମକିଶୋର, ସାନ ଭାଇଙ୍କ ନା କୁମୁଦ ବନ୍ଧୁ, ମୋ ନାଁ କନକ ଚମ୍ପା । ମୁଁ ଥିଲି ଗୋଟିଏ ମାତ୍ର ଭଉଣୀ । ବାପ ମା ଖୁବ୍ ଗେଲ ବସର କରି ବଢ଼ାଇ ଥିଲେ । ରଜାଘରେ ବା ଅଭାବ କ'ଣ ? ଯେତେବେଳେ ଯାହା ଲୋଡ଼ିଲେ ତାହା ମିଳୁଥିଲ । ଶହ ଶହ ଦାସ ଦାସୀ ଆସି ସେବାରେ ଖଟୁଥିଲେ । ଦୁଃଖ କ'ଣ ଶୋକ କ'ଣ ଆମେ କିଛି ଜାଣୁ ନ ଥିଲୁ ।

ବର୍ଷେ ରାଜ୍ୟରେ ଘୋର ଦୁର୍ଭିକ୍ଷ ପଡ଼ିଲା । ଖାଦ୍ୟ ଅଭାବରୁ ଶହ ଶହ ଲୋକ ପୋକ ମାଛି ପରି ମଲେ । ବାଉଁଶ ଧାନର ଚାଉଳ, ମହୁଲ କଢ଼ିଙ୍ଗ, ବାଉଁଶ ଗଜା ହେଲା ଅନେକ ଲୋକଙ୍କର ଖାଦ୍ୟ । ତା ଫଳରେ ଆସିଲେ ବାଡ଼ ଠାକୁରାଣୀ । ଗାଁକୁ ଗାଁ ଲୁଟି ନେଇଗଲେ । ଆଜି ଯେଉଁମାନେ ଷୋଳ ସାମର୍ଥ ଭେଣ୍ଡିଆ ପଣରେ ପହଞ୍ଚ

Digitized by srujan ka@gmail.com

ଦିନ ବେଳହିଁ; ତା'ଙ୍କ ସେମାନେ ଯାଇ ମଶାଣୀରେ ଚଢ଼ିଲେ । ଏମିତି ଏମିତି ଦୁଇକଣ୍ଟା ଲଗିଲା ଘର ଶୂନ୍ୟ ହେବାକୁ । ବଡ଼ଭାଇ ଜନସେବା କରିବାକୁ ଯାଇ ସେଇ ବାଡ଼ ମୁହଁରେ ଗଲେ । ଆମ ନଅରରେ ଦୁଃଖର ଛାୟା ଘୋଟିଲେ । ବାପା ବୋଉ ଚାଲି ପଡ଼ିଲେ । ବୁକର ବାକର ଗୁଣ୍ଡ ପକାଇ ଗଲେ ଘରକୁ । ଏକା ରହିଗଲ ସାନ ଭାଇ ଏବଂ ତାଙ୍କ ସଙ୍ଗରେ ମୁଁ ।

କେହି କାହା ହୋଇ ନ ଥାଉ । ଏତେ ବଡ଼ ଦୁର୍ଗ ଭିତରେ ଆମେ ଭାଇ ଭଉଣୀ ମାତ୍ର ଯୋଡ଼ାଏ ପ୍ରାଣୀ । ସେ କେଉଁ କୋଣରେ ଓ ମୁଁ କେଉଁ କୋଣରେ ପଡ଼ି ରହୁ । କେହି କାହାର କଥା ଜାଣିବା କଷ୍ଟ । ରାତି ଆସିଲେ କାଳ ଆସିଲା ପରି ଲାଗେ । ଭୟରେ ଆମେ ଜୀବନରେ ଥାଇ ମଧ୍ୟ ମଲା ପରି ପଡ଼ିଥାଉ ଘର କୋଣରେ । ଯାହା ଛାଡ଼ୁ ଦିନରେ ମୁଁ ମୁଠାଏ ରାନ୍ଧେ । ଦୁହେଁ ଯାକ ମୁଠାଏ ମୁଠାଏ ଖାଇ ଦେଉ । ରାତିକ ରହୁ ଖାଲି ଖାଲି । ଏତେ ସାବଧାନ ଥାଇ ମଧ୍ୟ ସାନ ଭାଇ ପଡ଼ିଲେ ବାଡ଼ ଠାକୁରାଣୀ ହାବୁଡ଼ରେ । ମୁଁ ବହୁ ସେବା ଶୁଶ୍ରୂଷା କଲି । ମାତ୍ର ବଞ୍ଚାଇ ପାରିଲି ନାହିଁ । ଗୋଟିଏ ଦିନ ଗୋଟିଏ ରାତି ସେ ଝାଡ଼ା ବାନ୍ତି ଦଉଡ଼ ଦଉଡ଼ ଚାଲି ପଡ଼ିଲେ ଠିକ୍ ରାତି ଅଧ ବେଳକୁ । ମୋତେ ସେତେବେଳେ ଦଶ ଦିଗ ଅନ୍ଧାର ଦେଖାଗଲା । କ'ଣ କରିବି, କ'ଣ କରିବି କିଛି ଠିକ୍ କରି ନ ପାରି କେବଳ ଲାଗିଲି କାନ୍ଦିବାରେ ।

ରାତି ପାହାନ୍ତା ହେଲା ବେଳକୁ ମୁର୍ଦ୍ଦାର ଗନ୍ଧ ପାଇ ଗୋଟାଏ ଗଧିଆ କାହୁଁ ଆସି ପଶିଲା ଦୁର୍ଗ ଭିତରେ । ମୁଁ ଜଳ ଜଳ କରି ଅନାଇ ଥାଏ । ମୋ ଭାଇଙ୍କ ଶବଟାକୁ କାନ୍ଧରେ ପକାଇ ଛୁଟି ପଳାଇ ଗଲା ବନସ୍ତ ଆଡ଼େ । କେଜାଣି କାହିଁକି ଦେହ ସମ୍ଭାଳ ନାହିଁ ମୋର । ଭାଇ ମରିଯାଇଛନ୍ତି ଏ କଥା ଧାରଣା ରହିଲା ନାହିଁ । ଗଧିଆ ଉପରେ ଭାରି ରାଗ ଆସିଲା । ତେଣୁ ପାଗଳୀଙ୍କ ପରି

Digitized by srujan ka@gmail.com

ଧନୁ ଶରେ ଯେନ ଗୋଡ଼ାଇ ଚଲି ତା ପଛେ ପଛେ । ଋଣୀଫୁଲପର ଜାଲ ପଡ଼ିଥାଏ । ଶୋଣଷ ବୁଣି ଦେଲେ ବ ଗୋଟାଇ ଆଣି ହେବ । ଅସୁବିଧା କିଛି ନାହିଁ । ଗଧିଆଟାକୁ ବନସ୍ତର ଘୁଇ ଘୁଇଆ ବାଟରେ ମୁଁ ସଫା ଦେଖି ପାରୁଥାଏ । ପାଖ ପାଖି ହୋଇ ଗିବାରୁ ଦେଲି ବସାଇ ଯୋଡ଼ାଏ ଶର । ଲମ୍ବ ଜାଲ ହୋଇ ପଡ଼ିଗଲା ଗଧିଆଟା । ଶେଷ ନିଃଶ୍ୱାସ ତାର ଆସି ଗିବା ଉପରେ । ଝଟକରେ ସେ ଖାଲି ଛଟ ପଟ ହେଉଥାଏ ଓ ଗର ଘାରୁଥାଏ । ତା କଥା ଆଉ ମୋ ମୁଣ୍ଡରେ ଉଠୁନଲା ନାହିଁ । ମୁଁ ଖୁବ୍ ଚଞ୍ଚଳ ମୋ ଭାଇଙ୍କ ଶବଟା ଘେନ ପଳାଇ ଆସିଲି । ଯେତେ ବଞ୍ଚା ସଞ୍ଚା କଲି ସେ ଆଉ ବଞ୍ଚିଲେ ନାହିଁ ।

ବହୁତ କାନ୍ଦିଲି । ଭାବନାର ସୀମା ନ ଥାଏ । ଶେଷବେଳକୁ ସ୍ଥିର କଲି ଜୀବନ ହରେଇ ଦେବି ।

ସକାଳୁ ସଞ୍ଜ ଆଉ ଅପେକ୍ଷା କରିବାକୁ ବେଳ ନ ଥିଲା । ଏକା ଡିଆଁ କେ ମାରି ଦେଲି ଏଇ ନଦୀର ଗଣ୍ଡ ପାଣିରେ । ନାକ କାନରେ ପାଣି ପଶିଗଲା । ଚୂଡ଼ାକୁ ଚୂଡ଼ା ନିଶ୍ୱାସ ଉଠିଲା ହାଉ ହାଉ ହୋଇ । ତାପରେ ବମ୍ପଟା ଅଟକି ଗଲା ବେଳକୁ ଗଙ୍ଗା ଦେବୀ ଟେକି ଧରିଲେ ଉପରକୁ । ଜୀବନଟା ଯାଇ ପାରିଲା ନାହିଁ । ଦେବୀ ମୋତେ କୂଳକୁ ଆଣି ସବୁକଥା ପଚାରିଲେ । ମୁଁ ତାଙ୍କୁ ସବୁ କଥା କହିବାରୁ, ମୋତେ ପଚାରିଲେ—ତୋ ଆୟୁରୁ ଅଧେ ଦେଇ ପାରିବୁ ?

ମୁଁ ପଚାରିଲି—କାହିଁକି ?

ସେ କହିଲେ—ଆୟୁଷ ନେଇ ତୋ ଭାଇକୁ ବଞ୍ଚାଇବି । ମନଟା ଖୁବ ଖୁସି ହେଲା । ନିଜ ଆୟୁଷରୁ ଅଧେ ଦେଇ ଗଙ୍ଗା ଦେବୀଙ୍କ ଆଶୀର୍ବାଦରୁ ଭାଇଙ୍କୁ ବଞ୍ଚାଇଲି । ସେ କେମିତି ବଡ଼ହେବେ, ସେଥିପାଇଁ ମନେ ମନେ ଖୋଜୁଥାଏ । ଦୈବାତ୍ ଦିନେ ଜଣେ ସନ୍ନ୍ୟାସୀ

Digitized by srujan ka@gmail.com

କହିଲେ—ଶାକଲ୍ୟ ଦ୍ୱୀପରେ ଜଣେ ରଜା ଅଛନ୍ତି ତାଙ୍କ ଝିଅ ଶୁକ୍ଳା କୁମାରୀ ପଣ କରିଛି ଯେଉଁ ରଜାପୁଅ ଗୋଟିଏ ଶର ମାରି ଆମଂ ଦୁର୍ଗ ଚୂଳ ଉପରେ ଖଞ୍ଜା ଯାଇ ଥିବା ସୁନା କୁକୁଡ଼ାର ମୁକୁଟଟିକୁ ଖସାଇ ଆଣିବ ତଳକୁ, ସେ ତାକୁ ବରଣ କରିବ । ମନଟା ନାଚି ଉଠିଲା । ଭାଇଙ୍କ ଅଜାଣତରେ ଯାଇ ଗଙ୍ଗା ଦେବୀଙ୍କୁ ସ୍ତୁତି କଲି । ସେ ପ୍ରସନ୍ନ ହୋଇ ଦେଖାଦେଲେ । ତାଙ୍କୁ ସକଳ କଥା କହିଲି । କପରି ଭାଇ ସେ କନ୍ୟାକୁ ପାଇବେ, ତାର ବାଟ ବତାଇ ଦେବାକୁ ଅଳି କଲି । ଦେବୀ ଆନନ୍ଦ ହୋଇ ଦେଲେ ଗୋଟିଏ ହନୁମାନ ଡଙ୍ଗା ଓ ଆଉ ଗୋଟିଏ ଜମ୍ବୁ ଜଳସ୍ଥ ଧନୁ ଶର । କହିଲେ—ଭାଇ ଭଉଣୀ ଦୁହେଁ ଏଇ ଡଙ୍ଗାରେ ବସି ଶାକଲ୍ୟକୁ ଯିବ । ପଣ ପୂରଣ କଲାବେଳେ ଜମ୍ବୁ ଧନୁରେ ଜଳସ୍ଥ ଶର ବସାଇ ମାରି ଦେବ ସେ କୁକୁଡ଼ାର ମୁକୁଟଟା ଆପେ ଆପେ ଖସି ଆସିବ ତଳକୁ ।

ସବୁ କଥା ଯାଇ ଭାଇଙ୍କି କହିଲି । ସେ ବି ଖୁସି ହୋଇଗଲେ । ତା ପରେ ଦୁହେଁ ହନୁମାନ ଡଙ୍ଗାରେ ବସି ଗଲୁ ଶାକଲ୍ୟ ଦ୍ୱୀପକୁ । ଶୁକ୍ଳା କୁମାରୀକୁ ଦେଖା କରି ଲକ୍ଷ ବିନ୍ଧିବା କଥା କହିଲୁ । ସଭାକୁ ବରବାର ବସି କଥାଟା ପକ୍କା କରି ନିଆଗଲା । ବିନ୍ଧି ପାରିଲେ କନ୍ୟା ଲାଭ, ନ ପାରିଲେ ଫାଶୀ ।

ସେତେବେଳକୁ କେତେ ପୁଞ୍ଜ ରଜାପୁଅ ବିଫଳତା ଲଭି କରି କାରାଗାରରେ ଅଛନ୍ତି । ମାସକ ପରେ ସମସ୍ତେ ଫାଶୀ ପାଇବାର କଥା । ସବୁ ବିଷୟ ବୁଝି ନେଇ ମୁଁ କହିଲି—ଦେଖନ୍ତୁ ମୋ ଭାଇ ଯେବେ ଲକ୍ଷ୍ୟଭେଦ କରି କନ୍ୟାଟିକୁ ପାଆନ୍ତି, [illegible] ବନ୍ଦୀରେ ଥିବା ରଜାପୁଅମାନଙ୍କୁ ମୁକ୍ତି ଦିଆଯିବା କଥା ଠିକ୍ ରହୁ ।

ଠିକ୍ ସେଇ କଥା ହେଲା । ହଜାର ହଜାର ଲୋକଙ୍କ ଆଗରେ ଭାଇ ଲକ୍ଷ୍ୟ ଭେଦ କଲେ । ଶୁକ୍ଳା ସଙ୍ଗେ ବାହାଘର ସରିଗଲା । ରାଜପୁତ୍ର-

Digitized by srujan ka@gmail.com

ମାନେ ଖଳସ ହୋଇ ଜାହାଜରେ ଯୋଗଦାନ କଲେ । ତାପରେ ଆମେ ଉତ୍ସୁମାନ ଡଙ୍ଗାରେ ବସି ଘରକୁ ଆସିଲୁ । ବାଟରେ ରାତି ହେଲା । ଝଡ଼ ତୋଫାନ ଆସିଲା ପ୍ରଚଣ୍ଡ ବେଗରେ । ଭୟ ଲାଗିଲା । ଏଭଳି ଗୋଟିଏ ଦୁଃସମୟରେ କେଉଁଠି ଆଶ୍ରା ନ ନେଲେ ରକ୍ଷା ନାହିଁ । କ'ଣ କରିବ ବୋଲି ଭାବୁ ଭାବୁ ଦେଖାଗଲା ଗୋଟିଏ ଅନ୍ଧାର ଟାପୁ । ରାତିଟା ସେଇଠି କଟାଇ ଦେବା ସ୍ଥିର କରି ଡଙ୍ଗା ବାନ୍ଧିଲୁ ଗୋଟିଏ ଗଛରେ । ଯୋଗକୁ ଖଣ୍ଡେ ଭଙ୍ଗା ଦେଉଳ ମିଳିଲା । ଭାଇ ଓ ଶାଳକ ଯାଇ ତା ଭିତରେ ଶୋଇଲେ । ସାରା ରାତି ମୁଁ ଉଜାଗର ହୋଇ ଜଗି ବସିଲି ଡଙ୍ଗା ଖଣ୍ଡିକୁ ।

ପାହାନ୍ତା ପହରକୁ ଯୋଡ଼ିଏ ଠେକୁଆ କୁଆଡ଼ୁ ବୁଲି ବୁଲି ଆସିଲେ । ସେଇ ଭଙ୍ଗା ଦେଉଳରେ ତାଙ୍କର ବସା । ଆଜି ସେଠାରେ ଯୋଡ଼ିଏ ମଣିଷ ଶୋଇଥିବା ଦେଖି ଭିତରକୁ ଯାଇ ନ ପାରି ବାହାରେ ବସି ରହିଲେ ।

ମାଈ ଠେକୁଆ କହିଲା—ଚାଲ, ସେମାନଙ୍କୁ କାମୁଡ଼ି ଆମ ଦେଉଳରୁ ବାହାର କରି ଦେବା । ବୁଲି ବୁଲି ଭାରି ଆଣ୍ଠୁ ଲାଗିଲାଣି ଟିକିଏ ଶୋଇପଡ଼ିବା ତ ?

ଅଣ୍ଡିରା ଠେକୁଆ କହିଲା—ଆଲୋ ପାଗଳୀ ! ଆମକୁ ଦେଇ ଦେଇ ଗୋଟାଏ ଦିନ କଷ୍ଟ ପଡ଼ିବ । କ'ଣ କରିବା ? ଅତିଥି ଆସିଛନ୍ତି । ଟିକିଏ ଶାନ୍ତିରେ ରାତିଟା କଟାଇ ଚାଲି ଯାଆନ୍ତୁ ରାତି ତ ଆଉ ଅଳ୍ପ ଅଛି, ତୁ ଏଭଳି ବ୍ୟସ୍ତ ହେଉଛୁ କାହିଁକି ?

ପଚାରିଲା—ସେମାନେ କିଏ ?

କହିଲା—ଜଣେ ଶଙ୍ଖ ଦ୍ୱୀପର ରାଜା ପୁଅ । ଆଉ ଜଣେ ଶାକଲ୍ୟ ଦ୍ୱୀପ ରାଜା ଝିଅ । ଦୁହେଁ ବାହା ହୋଇ ଯାଉଛନ୍ତି ଘରକୁ । ହେଲେ କ'ଣ ହେବ, ଭାରି ଗ୍ରହ କପାଳ ତାଙ୍କର ।

ପଚାରିଲା—ଗ୍ରହ କପାଳ କ'ଣ ?

Digitized by srujan ka@gmail.com

କହିଲା—ଭାଇ ଏମାନେ ଯାଇ ଦୁର୍ଗରେ ପହଞ୍ଚିବେ । ପର ଦିନ ବର ଭାରିଯା ଦୁହେଁ ଯେଉଁ ପଲ୍ୟଙ୍କରେ ଶୋଇବେ, ସେଇ ପଲ୍ୟଙ୍କ ଖୁରା ଭିତରୁ ଗୋଟିଏ ଦଂଶିବା-ତକ୍ଷକ ବାହାରି ଦୁହିଁଙ୍କି ଦଂଶନ କରିବ । ତାର ଯୋଉ କାଳକୂଟ ବିଷ, ସେଥିରୁ କେବେ ହେଲେ ବଞ୍ଚି ପାରିବେ ନାହିଁ ।

ଶୁଣି ଦୁଃଖିତା ହେଲା ମାଈ ଠେକୁଆ । ଆହା ! ଚୁ, ଚୁ, କରି ମୁହଁଟାକୁ ଆମ୍ବିଳା କରି ପକାଇଲା ଓ ପଚାରିଲା—ଏ ଦୈବ ଦଣ୍ଡରୁ ସେମାନେ ବଞ୍ଚିବାକୁ କ'ଣ କିଛି ଉପାୟ ନାହିଁ ?

କହିଲା—ଅଛି ।

ପଚାରିଲା—କ'ଣ ?

କହିଲା—ଜଣେ ସ୍ତ୍ରୀ ଲୋକ ଯଦି ସେ ଦିନ ରାତିରେ ଖୁବ୍ ସାବଧାନ ଭାବେ ଜଗି ରହିବ, ଏବଂ ସାପଟା ବାହାରିବା ବେଳେ ବର ପାଖରୁ ଭାରିଯାକୁ ଠେଲି ତଳକୁ ଗଡ଼ାଇ ଦେବ, ତେବେ ସାପଟା ନ କାମୁଡ଼ି ଚେଷ୍ଟା କରିବ ପୁଣି ସେଇ ଖୁରାରେ ପଶିଯିବାକୁ । କାରଣ, ପରଧନ କାମୁଡ଼ିବ ବୋଲି । ଏ କଥାକୁ ମନେ କରି ସେଇ ସ୍ତ୍ରୀ ଲୋକ ଖଣ୍ଡା ଧରି ଚୋଟେ ଲଗାଇ ଦେଲେ ଛିଗୁରି ମରିଯିବ । କାଳ କାଳିକୁ ଆଉ କଣ୍ଟା ରହିବ ନାହିଁ ।

ପଚାରିଲା—ସେ ସ୍ତ୍ରୀ ଲୋକଟା ଯେବେ ଏ କଥାଟା କାହା ଆଗରେ କହିଦେବ ?

କହିଲି—କହିବା ଲୋକର କିଛି କ୍ଷତି ହେବ ନାହିଁ । ଶୁଣିବା ଲୋକ ପଥର ପାଲଟି ଯିବ । ଏମିତି କଥାବାର୍ତ୍ତା ହେଉ ହେଉ ରାତି ପାହିଗଲା । ଠେକୁଆ ଯୋଡ଼ିକ ପୁଣି ବାହାରିଗଲେ ଚରା ଖୋଜିବାକୁ । ଆମେ ତିନିହେଁ ଡଙ୍ଗାରେ ବସି ଘରକୁ ଆସିଲୁ । ସେ ଦିନ ରାତିକ ମୋ ଆଖିରେ ନିଦ ନ ଥାଏ । କେମିତି ଭାଇ ଭାଉଜଙ୍କୁ ବଞ୍ଚାଇବି, ଏଥିପାଇଁ ସାବଧାନ ହୋଇଥାଏ ।

Digitized by srujan ka@gmail.com

ରାତି ଆସିଲା । ଖିଆ ପିଆ ସାରି ସେମାନେ ଶଯ୍ୟାର ଉପରେ ଶୋଇ ପଡ଼ିଲେ । ଘରର କବାଟ ଛାଡ଼ ମୁଁ ଯାଇ ଜଗି ବସିଲି । ରାତି ଅଧରୁ ଗଡ଼ିଲା । ଖଟ ଖୁରା ଭିତରେ ଦେଖାଗଲା ଟେଣ୍ଟ ଆଲୁଅଟିଏ । ଖୁବ୍ ନିରୀକ୍ଷଣ କରି ଦେଖିନେଲି ତକ୍ଷକ ମୁଣ୍ଡରେ ମଣିଟି ଝକ୍ ଝକ୍ କରୁଛି । ଆଉ ବିଳମ୍ବ କରିବା ଉଚିତ ନୁହେଁ ଭାବି, ଖଡ୍ଗକୁ ପେଲି ଦେଲି ତଳକୁ । ସାପଟା ସେତେବେଳକୁ ଆସି ଯାଇଥିଲା । ଖଣ୍ଡାରେ ଦେଲି ଚୋଟେ । ଦି’ ଖଣ୍ଡ ହୋଇଗଲା । ଖୁବ୍ ସାବଧାନରେ ତାକୁ ଆଣି ବାହାରକୁ ଫିଙ୍ଗି ଦେଲି ।

ତେଣେ ତଳେ ପଡ଼ି ଯିବାରୁ ଝଣଝଣ ଝଙ୍କାର କରି ଉଠିଲେ । ଭାଇଙ୍କର ନିଦ ଭାଙ୍ଗି ଗଲା । ସେ ଧଡ଼ ପଡ଼ ହୋଇ ଉଠି ମୋତେ କଟ ମଟ କରି ଅନାଇଲେ । ମୋ ହାତରେ ଖଣ୍ଡା ଝଟକୁ ଥାଏ । ତାଙ୍କ ମନରେ ଅବିଶ୍ୱାସ ହେଲା କି କ’ଣ, ଗର୍ଜ୍ଜନ କରି ସେ ମୋତେ ପଚାରିଲେ—ରାକ୍ଷସୀ ! ଚୋର ଏ ଘରେ କି କାମ ଥିଲା ବୋଲି ଆସିଥିଲୁ ।

ଭୟରେ ଥରି ଥରି ମୁଁ କହିଲି—ଆସିଥିଲି ତୁମର ମଙ୍ଗଳ ପାଇଁ । ପଚାରିଲେ—କଣ ମଙ୍ଗଳ, ସେ କଥା କହ । ତା’ନହେଲେ ହେଲେ ତୋତେ ହାଣିବି ।

ତାଙ୍କ ରାଗ ଦେଖି ମୁଁ କହିଲି—ତୁମେ ସ୍ଥିର ହୁଅ ଭାଇ ! ମୋତେ ବିଶ୍ୱାସ କର । ତୁମ ଦୁହିଁଙ୍କୁ ମୁଁ ବଞ୍ଚାଇଛି । ମାତ୍ର କଥାଟା କହିବି ନାହିଁ ।

ପଚାରିଲେ—କାହିଁକି କହିବୁ ନାହିଁ ?

କହିଲି—ଶୁଣିଲା ମାତ୍ରେ ତୁମେ ପଥର ପାଲଟି ଯିବ ।

କଥାଟାକୁ ସତ ନ ବୁଝି ମୋତେ ବହୁତ ଗାଳି ମାରି ଦେଲେ ବାରମ୍ବାର କହିଲେ—କହ, ତା’ ନ ହେଲେ ହାଣି ଦେବି ।

Digitized by srujan ka@gmail.com

ମାଡ଼ ଖାଇ ମୋ ଦେହ ଖଣ୍ଡିଆ ମଣ୍ଡିଆ ହୋଇଗଲା । ଶୋଷରେ ଛଣ୍ଟି ଶୁଖି ଯାଉଥାଏ । ମାଗିଲେ ଢୋକେ ପାଣି ବି ଦେଲେ ନାହିଁ । ଭାବିଲି, କଷ୍ଟ ଦେବ । ପୁଣି ବିବେକ ମୋତେ ବାଧା ଦେଲା । ନିଜର ଆୟୁଷ ଦେଇ ଯୋଉ ଭାଇଙ୍କି ବଞ୍ଚାଇଛୁ, ସେ ପଥର ପାଲଟି ଯିବେ । ଏକଥା କେମିତି ହେବ ? ନାଁ, ମୁଁ ପଛକେ ମରେ ସେ ଭଲରେ ରହନ୍ତୁ ଭାବି ଚୁପ ରହିବା ଦେଖି, ସେ ମୋତେ ହାଣି ଦି’ ଖଣ୍ଡ କରି ଦେଲେ । ପୋଡ଼ିଲେ ନାହିଁ । ଏଇଠି ଗୋଟିଏ ଗାତକରି ପୋତି ଦେଲେ । କାଳକ୍ରମେ ମୁଁ ଗଛଟିଏ ହୋଇ କନକ ଚମ୍ପା ଫୁଟୁଛି । ମା ଗଙ୍ଗା ଦେବୀ ମୋର ବହୁତ ଉପକାର କରିଥିଲେ । ତେଣୁ ନିତି ତାଙ୍କୁ ସଜଫୁଲ ଦେଇ ପୂଜା କରୁଛି ।

ସେଇ ଭାଇ ଭାଉଜ ଦିନା କେତେ ବଞ୍ଚି ପୁଅ ଝିଅ କଲେ । ପିଲା ପିଲା ବଡ଼ ହୋଇ ନ ଥାନ୍ତି । ଭାଇ ଅଭ୍ୟାସ କଲେ ମଦ ଖାଇବାକୁ । ଘରେ ଯାହା ଧନ ଦଉଲତ ଥିଲା, ସବୁ ସରି ଗଲା । ତା ପରେ ଶୁକ୍ଳାକୁ ନେଇ ବିକିଦେଲେ ଜଣେ କାଳୀ ସାଧକ କାପାଳୀ ଋଷିଙ୍କୁ । ତାଙ୍କର ନରବଳୀ ଦେବାର ଥିଲା । ସେ ତାକୁ ନେଇ ବଳୀ ପକାଇଦେଲେ । ମୁଁ ଗଛ ହୋଇ ଦିବ୍ୟ ଦୃଷ୍ଟିରେ ସବୁ କଥା ଦେଖୁଛି ଦିନ ଆସିଲା, ଭାଇ ବି ମଲେ । ମୋ’ ମନରେ ପୁରୁଷ ଜାତି ପ୍ରତି ଘୃଣା ଆସିଲା । ତେଣୁ ମୁଁ ପ୍ରତିଦିନ ଦି’ ପଦ ଗୀତ ଗାଏ ।

ସୁବୀର ପଚାରିଲା —କଅଣ ଗୀତ ?

ଗାଇଲା ଚମ୍ପା ଗଛ—

ବିଶ୍ୱାସ ଘାତକ ପୁରୁଷର କେବେ
ନ କରିବ ଉପକାର
ଅମୃତ ମଣୋହି ଦେଲେ ସର୍ପ ଭୁଞ୍ଜେ
ମରଣ ଯେପରି ସାର ।

Digitized by srujan ka@gmail.com

ସେହିପରି ଅନେ    ପୁରୁଷର ଗତି
ଏଥିରେ ନାହିଁ ସଂଶୟ
ତେଣୁ ଆଗୋ ବେଶ    ଲକ୍ଷଣୀ ଏ ତୁମ
ଚାତୁ ବୃତ୍ତି କର ଥୟ ।
ହାତେ ମାପି କାଠ    ଗୁଳ ଗୁଖଣ୍ଡକେ
ହାନ୍ତ ଚାପି କହ କଥା
ଜଗି ରଖି କର    ସଂସାର କରମ
କଦାପି ନ ଢଳ ମଥା ।

ପ୍ରବୀର କହିଲ— ସବୁ ପୁରୁଷ ଏକାଭଳି ନୁହନ୍ତି କି ସବୁ ନାରୀ ଏକାଭଳି ନୁହନ୍ତି । ତୁମର ସେ ଧାରଣା ବଦଳାଇ ଦିଅ କନକ-ଚମ୍ପା । ମୁଁ ଅନୁମାନ କରି କହୁଛି, ତୁମେ ଯଦି ଜୀବନ ପାଇ ବଞ୍ଚନ୍ତ, ତେବେ ସବୁ ଦୁଃଖ ବଦଳି ଯାଆନ୍ତା ।

ପଦ୍ମଚଳ—କିପରି ?

କହିଲ—ମୁଁ ତୁମକୁ ବାହା ହୋଇ ଖୁବ୍ ସୁଖିନୀ କରାଇବାକୁ ଚେଷ୍ଟା କରନ୍ତି ।

କନକ କହିଲ—

କହୁଯାଏ ଦଣ୍ଡ ପାଣି
ଘନ ବଦନର    ସୁଆଦ ଶବଦଂ
ମାଲପା ଦିଆରୁ ଜାଣି ।

ମୋ କହୁକାଠା ତ ମୋ ହାତରେ ନାହିଁ । ବଞ୍ଚାଇବା ଲୋକ ଚେଷ୍ଟା କଲେ ଯାଇ ହେବ । ତୁମେ ତ ବିଦେଶୀ ବନ୍ଧୁ, ଆଜି ଆସିଛ, କାଲି ଚାଲି ଯିବ । ମିଛଟାରେ ମନ ବୋଧିଆ କଥା କହିବାରେ ଲାଭ ଅଛି କ'ଣ ? ମୋ ଭାଗ୍ୟ ନେଇ ମୁଁ ଖରା କାକରରେ ପଡ଼ିଛି । ତୁମ ଭାଗ୍ୟ ନେଇ ତୁମେ ଯାଅ ।

ପ୍ରବୀର କହିଲ—ଯାଉଛି ମାତ୍ର ମନେ ରଖି ଥାଅ, ଦିନେ ନାଁ ଦିନେ ତୁମକୁ ବଞ୍ଚାଇବ, ବଞ୍ଚାଇବ ।

Digitized by srujan ka@gmail.com

ଶୁଆ କହିଲା—ପାଗଳଟାଏ ପ୍ରଶ୍ନର । ବିଶ୍ୱାସ ଘାତକୀ ନାରୀମାନଙ୍କୁ ବଞ୍ଚାଇବା କ'ଣ ଉଚିତ ?

ସାରୀ କହିଲା—ତୋ ମୁହଁକୁ ଟିକିଏ ସରମ ଲାଗୁନି ଶୁଆ ? ଆହୁରି ନାରୀମାନଙ୍କୁ ଗାଳି ଦେଉଛୁ ? ଆରେ ! ଆଖି ଆଗରେ ଦେଖୁଛୁ କାନ ପାଖରେ ଶୁଣୁଛୁ । ଗୋଟାଏ ପୁରୁଷକୁ ଆୟୁଷ ଦେଇ ବଞ୍ଚାଇଲା । ଥରେ ବି ନୁହେଁ । ଥରକୁ ଦିଥର, ଦିଥରକୁ ତିନିଥର । ତେବେ ସୁଦ୍ଧା ସେ ପୁରୁଷ ତା ଉପକାର କଥା ନ ଭାବି ତାକୁ ହାଣି ଦେଲା । ଆଉ ଗୋଟିଏ ନାରୀ । ଯାହାକୁ ଦେଖି ତା ସୁଖ ସଂସାର ହସି ଉଠିଥିଲା । ତାକୁ ଅର୍ଥ ଲାଳସାରେ ବିକିଦେଲା ଜଣେ ନର ଘାତକକୁ । ଏହାଠୁଁ ବଳି ବିଶ୍ୱାସ ଘାତକତା ଆଉ କ'ଣ ଅଛି ଯେ, କଥା ଉପରେ କଥା କହୁଛୁ ? ଯା, ଯା, ଦୁଇଗାଲରେ ଦଉଡ଼ ଦେଇ ପକା । ଛି ଃ, ପୁରୁଷ ଗୁଡ଼ାକ ଏତେ ହୀନ ।

ସାରୀର କଥା ଗୁଡ଼ାକ ଛୁଞ୍ଚି ଫୋଡ଼ିଲା ପରି ଗଲାଗଲା ଶୁଆ ଦେହରେ । ରାଗ ମର ମର ହୋଇ ଶୁଆ କହିଲା—ହଉ, ଯାହାତ ଗାଳି ଦେବାର ଦେଲୁଣି । ଏଥର ମନ ଧ୍ୟାନ ଲଗାଇ ଶୁଣ । ଏଇ କଥାକୁ ଲଗାଇ କରି ମୁଁ କହିବି । ନାରୀମାନେ କ'ଣ ନକରି ପାରନ୍ତି ।

ସାରୀ ପଚାରିଲା— କି କଥା କହିବୁ ?

ଶୁଆ କହିଲା—

କଥାଟି କଥା, ଅସଲ କଥା
ଯାହାକୁ କହନ୍ତି କାହାଣୀ
ନାରୀ ନୁହେଁ କେବେ କଲ୍ୟାଣ କାରିଣୀ
ଗୋଷ୍ଠୀ ସୁଦ୍ଧା କଞ୍ଚା ଡାଆଣୀ ।
ଉପର ଚିକ୍କଣ, ମୁହଁରେ ମଧୁର
ଭିତରଟା ପୋଡ଼ା ଅଙ୍ଗାର
କାଳ କୂଟ ବିଷ ସାଇତି ରଖିଛି
ଅନ୍ତର ଭିତରେ ତାହାର ।

Digitized by srujan ka@gmail.com

କାଳ ନାଗୁଣୀ ହୋଇ ଦଂଶନ କରଇ
ନରକୁ ଭୁଲାଇ ମୋହରେ
ସରଳ ପୁରୁଷ ମରଇ ନ ଚେତି
ପଡ଼ିଣ କପଟି କୁଅରେ ।
ଏବେ ଶୁଣ ସାରୀ ମନ କର୍ଣ୍ଣ ଦେଇ
ଲୁଚାଇ ତୋ ଆଉ କାହାଣୀ
ଆରମ୍ଭ କଲି ମୁଁ ଲୀଳାବତୀ ରାଣୀ—
ଜୟଚନ୍ଦ୍ର ରଜା କାହାଣୀ ।

ସାରୀ କହିଲା— ଭଲ ହେଲା । ତୁ ଏଥର କହ । ମୁଁ ଶୁଣୁଛି । ଶୁଆ ଆରମ୍ଭ କଲା —

## ଲୀଳାବତୀ ରାଣୀ ଓ ଜୟଚନ୍ଦ୍ର ରଜା କାହାଣୀ

ଚନ୍ଦ୍ର ମଣ୍ଡଳରେ ବସିଥାଏ ସନ୍ଧ୍ୟାବାଳୀ । ଖଣ୍ଡ ଖଣ୍ଡ ମୁଣ୍ଡ ଭିତରେ ଚନ୍ଦ୍ରମାର ଦେହଥାଏ । ଗାଲରେ ହାତଦେଇ ଅନାଇଛି ଉପରକୁ । ଭାବନାର ଅନ୍ତ ନାହିଁ । ଗଣନା କ'ଣ ଭୁଲ ହେଲା ତାର ? ସ୍ୱାମୀର ବଚନ ଦେଇ ନ ଆସିଲେ କାହିଁକି ? ବାଟରେ କିଛି ବିପଦ ପଡ଼ିଲା ନାଁ କ'ଣ ?

ପୁଣି ଭାବୁଥାଏ, ଜଗତରେ ତ ତାକୁ ବଳି ତାକୁ ବଳି ସୁନ୍ଦରୀ ଅଛନ୍ତି । ମୁଁ ବା କି ଗୁଣର ଯେ, ଏତେ ଦୁଃଖ କଷ୍ଟ ସହି ଏତେ ବାଟ ଆସିବେ ? କଥାରେ ଅଛି—

ଦନ୍ତରେ ଖସୁଛି ଚହ୍ଲା
କାମଥିବା ଯାଏ ମୁଁ ତୋର ତୁ ମୋର
କାମ ସରି ଗଲେ ଗଲା ।

ଏମିତି ଅନେକ କଥା ଭାବି ଭାବି ଶେଷକୁ ଆଉ ସମ୍ଭାଳି ହୋଇ ପାରିଲା ନାହିଁ । ବାହାରିଲା ପ୍ରାସାଦର ସନ୍ଧାନରେ ଯିବାକୁ । ରାତିରେ

Digitized by srujan ka@gmail.com

ସବୁ ପଦାର୍ଥ ସଜଡ଼ା ସଜଡ଼ି କରି ମା' ବାପଙ୍କ ପାଖରୁ ବିଦାୟ ନେଇ ବଡ଼ ଅନ୍ଧାରୁଆରୁ ବାହାର ପଡ଼ିଲା ବାଟକୁ ।

ମଧୁର ମଧୁର ଖରା ପଡ଼ି ଆସୁଥାଏ । ପବନ ବହୁଥାଏ ଅତି ଧୀର ମନ୍ଥର ଗତିରେ । ସନ୍ଧ୍ୟାବାଳୀ ମନରେ ପ୍ରବଳ ଉତ୍କଣ୍ଠା ନେଇ ଚାଲିଥାଏ ପ୍ରିୟର ଅନୁସନ୍ଧାନ କରିବାକୁ । ଦେବ କନ୍ୟା ଜାଣିପ୍ରା କୁମାରୀ ସେ । ଚାଲି ନ ଜାଣିଲେ ଉଡ଼ି ଜାଣେ । ଭୟ କଣ ? ମନ ହେଲେ ଉଡ଼େ, ମନ ହେଲେ ଚାଲେ । କେଉଁବେଳେ ଯାଇ ଗଛ ଗୁଳରେ ବସେ । ଝରଣା ଦେଖିଲେ ଖୁସି ହୋଇ ପାଣି ସାଙ୍ଗରେ ଖେଳେ । ମନରେ ତାର ସେମିତି ଦୁଃଖ ନ ଥାଏ । ହେଲେ, ଖୋଜୁ ଥାଏ ପ୍ରିୟରକୁ ।

ତା ଯିବା ବାଟରେ ପଡ଼ିଲା ଖଣ୍ଡେ ରାଜ୍ୟ । ଘର ଗ୍ରାମ ବହୁତ । ଧାନ ଜମିର ମଧ୍ୟ ଅଭାବ ନାହିଁ । ସ୍ଥାନେ ସ୍ଥାନେ ଶସ୍ୟ ଶ୍ୟାମଳ କ୍ଷେତ ଗୁଡ଼ିକ ଜନ ନେତ୍ର ବିମୋହନ କରୁଥାଏ । ଅଳ୍ପ ଦୂରରେ ସୁନ୍ଦର ରାଜମହଲ ଖଣ୍ଡିଏ । ସାଜସଜ୍ଜାର ପରିପାଟୀ ଖୁବ କମ୍ । ସନ୍ଧ୍ୟାବାଳୀ ଲୋକମାନଙ୍କୁ ପଚାରି ବୁଝିଲା—ରାଜ୍ୟଟିର ନାମ ସନ୍ନ୍ୟାସୀ ରାଜ୍ୟ । ରଜା ଜଣେ ନିଷ୍ଠାପର ସନ୍ନ୍ୟାସୀ ।

ସନ୍ଧ୍ୟା ଇଚ୍ଛା କଲା ରଜାଙ୍କୁ ଦେଖା କରିବା ପାଇଁ । ଲୋକମାନେ ବାରଣ କଲେ । କହିଲେ—ରଜା ଆମର ସ୍ତ୍ରୀଲୋକମାନଙ୍କ ମୁହଁ ଚାହାଁନ୍ତି ନାହିଁ । ନିୟମ କରିଛନ୍ତି ସାରା ଜୀବନଟା ଏମିତି କଟାଇ ଦେବେ ।

ପଚାରିଲା—ଏହାର କାରଣ କଣ ?

ଲୋକେ କହିଲେ—ସେ ବହୁତ କଥା କହାକୁ ତୁମେ ଯଦି ଶୁଣିବାକୁ ଚାହିଁବ, ତେବେ ସମସ୍ତ ବିଳମ୍ବ ହେଉ ପଛକେ କହିବା ।

ସନ୍ଧ୍ୟା କହିଲା—ମୋର ଭାରି ଇଚ୍ଛା ଶୁଣିବାକୁ । ଏକଥା ଶୁଣି ଲୋକମାନେ ତାକୁ ଆଣିଲେ ମନ୍ଦିର ମା ବୁଢ଼ୀକି । କହିଲେ ଶୁଣ

Digitized by srujan ka@gmail.com

ବଳେଣିମା ଝିଅ । ଆମେ ତୋତେ ଏଇ ବୁଢ଼ୀ ଜିମାରେ ଛାଡ଼ି ଦେଲୁ । ସବୁ କଷ୍ଟପୂର କାହାଣୀ ତାଙ୍କ ଠାରୁ ଶୁଣିବୁ । ସନ୍ଧ୍ୟା ସେ କଥାରେ ରାଜି ହେବାରୁ ମକର ମା ତାକୁ ସାଙ୍ଗରେ ଡାକିନେଲା ଘରକୁ । ସେଦିନ ରାତିରେ ରନ୍ଧା ବଢ଼ା କରି ଦୁହେଁ ଖାଇଲେ । ତା ପରେ ଆରମ୍ଭ ହେଲା କାହାଣୀ । ଅନର୍ଗଳ ଭାବେ ଗପି ଚାଲିଲା ମକର ମା ।

ଆମ ରାଜାଙ୍କ ନାଁ ଜୟଚନ୍ଦ୍ର । ତାଙ୍କ ବାପା ଅନନ୍ତ ବଳିଆର ସିଂହ ଯେତେବେଳେ ରାଜତ୍ୱ କରୁଥିଲେ ସେତେବେଳେ ତାଙ୍କୁ ମୋଟେ ବର୍ଷ ସତରଟା ହୋଇଥାଏ । ରାଜା ହୋଇ ନ ଥା'ନ୍ତି । ଲୋକେ ଡାକୁଥାନ୍ତି ଯୁବରାଜ । କେହି କେହି ଜୟଚନ୍ଦ୍ର ବାବୁ ବୋଲି ଡାକନ୍ତି । ଖୁବ ସିଧାସାଧା ପିଲା ସେ । ଗରିବ ବଡ଼ଲୋକ ବୋଲି ତାଙ୍କର ବାରଣ ନ ଥାଏ । ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖନ୍ତି । ଭଲ ଖେଳନ୍ତି, ଭଲ ପଢ଼ନ୍ତି, ଭଲ ଯୁଦ୍ଧ ବିଦ୍ୟା ଜାଣନ୍ତି । ଘୋଡ଼ା ଚଢ଼ା, ପାଣି ପହଁରା, ଡାଳ ମାଙ୍କୁଡ଼ ଖେଳ, ଗଛ ଚଢ଼ା, କୋଉ କଥା ଯେ ତାଙ୍କୁ ନ ଆସେ ଏ କଥା କେହି କହି ପାରିବେ ନାହିଁ ।

ସେଇ ଯୁବରାଜ ଆମର । ମାଟିର ପ୍ରତିମା କୁହନ୍ତୁ ସୁନାର ପ୍ରତିମା-ଟିଏ । ରାଜା ରାଣୀ ତାଙ୍କ ଭଳିଆ ପୁଅଟିଏ ପାଇ ଆପଣାକୁ ଭାଗ୍ୟବାନ ମନେ କରୁଥିଲେ । କୌଣସି କଥାକୁ ଖାତିର ନ ଥିଲା । ଯୋଗ୍ୟ ପୁଅ । କନ୍ଦର୍ପ ପରି ରୂପ ଓ ଗୁଣ କଥା ଶୁଣି ଅନେକ ରାଜ୍ୟରୁ ଅନେକ ପ୍ରସଙ୍ଗ ଆସିଲା । ଯୋଉ ସୁନ୍ଦରୀ ରାଜାଝିଅମାନଙ୍କ ଚିତ୍ରପଟ ଆସିଲା ସେ କଥା କହିଲେ ନ ସରେ ।

ରାଜା କହନ୍ତେ—ପୁଅର ବାହାଘର କରିବାକୁ ହେଲେ ଝିଅଟି ... ବୀର ସ୍ତ୍ରୀର ଭାବେ କହିବ । ଏବେ ତର ତର କାହିଁକି ପିଲାପୁଅ, ତାର କ'ଣ ଏଡ଼େ ବୟସ ବଳାଇ ଯାଉଛି ?

Digitized by srujan ka@gmail.com

ଏମିତି ଏମିତି ଥାଏ । ହଠାତ୍ ଦିନେ ଗୋଟିଏ ଢେଙ୍ଗୁରାବାଲା ଆସି ଢେଙ୍ଗୁରା ଦ୍ୱାରା ଜଣାଇଲା—ବେଙ୍ଗବତୀ ରାଜ୍ୟର ରାଜା ସଂଗ୍ରାମ ବାହାଦୁରଙ୍କର ଗୋଟିଏ ଝିଅ । ସକଳ ଶାସ୍ତ୍ରରେ ସୁପଣ୍ଡିତା । ତାଙ୍କର ବିବାହ ବୟସ ହୋଇଗଲାଣି । ପଣ କରିଛନ୍ତି ଯୋଉ ରଜାପୁଅ ତାଙ୍କର ଯୋଉ ଏ ପଣ ପୂରଣ କରି ନ ପାରିବେ, ସେମାନଙ୍କୁ ବର୍ଷକ ଯାଏ କାରାଗାରରେ ରଖି, ମୁହଁରେ ଚୂନକାଳି ଓ ମୁଣ୍ଡରେ ଗଧ ଟୋପି ଦେଇ ଛାଡ଼ି ଦେବେ । ରାଜକନ୍ୟାଙ୍କ ନାମ ଲୀଳାବତୀ ।

ଏପରି ଗୋଟିଏ ଘୋଷଣା ଶୁଣି ଯୁବରାଜ ଜୟଚନ୍ଦ୍ରଙ୍କ ମନ ଭିତରେ ଗୋଟାଏ ଶକ୍ତ ଭାବନା ଆସିଲା । ମନେ ଭାବିଲେ—ଛାର ଗୋଟାଏ ଯୁବତୀ ହୋଇ ପୁରୁଷମାନଙ୍କୁ ଏଭଳି ହୀନ ମନେ କରିଛି ? ଯୋଉଁ ପଣ ପୂରଣ କରିବାକୁ ଏ ଦେଶରେ କଣ ରଜାପୁଅ ନାହାନ୍ତି ? ଆଚ୍ଛା, ଦେଖାଯାଉ କେତେ କଠିନ ପଣ ତାର ? ମୁଁ ଯିବି । ଯେମିତି ପାରି ସେମିତି ହେଲେ ତାର ପଣ ପୂରଣ କରିବି । ଯଦି ନ ପାରେ ତେବେ ଜାଣିବି ପୁରୁଷ ଜନ୍ମ ପାଇବାଟା ନିପଟ ଅଭିଶାପ । ଏହିକଥା ଭାବି ବାପ ମାଆଙ୍କ ପାଖରୁ ଅନୁମତି ନେଇ ସ୍ଥିର କଲେ ବେଙ୍ଗବତୀ ରାଜ୍ୟକୁ ଯିବାପାଇଁ । ଅସ୍ତାବଳରୁ ଭଲ ପକ୍ଷୀରାଜ ଘୋଡ଼ା ବସ୍ତୁ ହୋଇ ଆସିଲା । ସେ ଏକୁଟିଆ ଯିବା ଛଡ଼ା ସଙ୍ଗରେ କାହାରିକୁ ନେବାକୁ ମନା କରିଦେଲେ । ରଜା ବାଟ ଖର୍ଚ୍ଚ ପାଇଁ ଯୋଗାଇଦେଲେ ଦଶ ହଜାର ଟଙ୍କା ।

ଭଲ ଦିନ ଭଲ ବେଳ ଦେଖି ଜୟଚନ୍ଦ୍ର ଅନୁକୂଳ କଲେ ବେଙ୍ଗବତୀ ରାଜ୍ୟକୁ । ରଜା ଝିଅର ପଣ କ'ଣ, ସେ କଥା ତାଙ୍କୁ ଜଣା ନ ଥିଲେ ମଧ୍ୟ ଦମ୍ଭଥାଏ ନିଶ୍ଚୟ ପୂରଣ କରିବି । ଏଣୁ ନିଶ୍ଚିନ୍ତ କଲ୍ୟାଣ କରୁଥାଏ । କଥାରେ ଅଛି—

Digitized by srujan ka@gmail.com

ଅସାଧ୍ୟ କରମ          କରିବାକୁ କର୍ମୀ
ହୁଏ ଯେବେ ଆଗୁସାର
ସଫଳ ବିଧାତା          ଢାଳନ୍ତି ତା ଶିରେ
କରୁଣା ଶିକର ଧାର ।

କେଙ୍ଗବଙ୍ଗା ତାଙ୍କ ସଙ୍ଗରୁ ଅନେକ ଦୂର ବାଟ ଥିଲା । ଏକା ଜଣକ କଥା ରୁହନ୍ତୁ, ଯାହା ସ୍ୱଜନ ପରେ ମଧ୍ୟ ପହଞ୍ଚିବା କଷ୍ଟ । ତେଣୁ ଜୟଚନ୍ଦ୍ର ବାଟରେ ରହି ରହିକା ଯାଉଥାନ୍ତି । ଘନେ ଉଦୁଉଦିଆ ଖରାବେଳେ ଘୋଡ଼ା ଛୁଟାଇ ଯାଉ ଯାଉ ଗରମରେ ବାଧା ଲାଗିଲା ଯେମିତି, ଶୋଷ ବି ହେଲା ସେମିତି । କଣ କରିବେ, ପାଣି ଖୋଜି ଖୋଜି ପହଞ୍ଚିଲେ ଗୋଟିଏ ପୋଖରୀ କୂଳେ । ମସ୍ତବଡ଼ ପୋଖରୀ । ଚାରିପାଖ ଯାକ ଯୋଉ ବନ୍ଧ ପଡ଼ିଛି ତାହା ଦେଖିବାକୁ ପର୍ବତ ପରି । କଡ଼ରେ ଛାୟାପ୍ରଦ ଗଛ ଅଛି । ସ୍ଥାନେ ସ୍ଥାନେ ବସିବାକୁ ସୁବିଧା ଗହଳିଆ ଥୁଇ । ଯେତେବେଳେ ଦେଖ, ଶିଳ ଶିଳ ପବନ ବହୁଥାଏ । ଏଭଳି ସ୍ଥାନଟିଏ ପାଇ ଜୟଚନ୍ଦ୍ର ଟିକିଏ ବିଶ୍ରାମ ନେଲେ । ବରଗଛ ଶିଖରେ ଘୋଡ଼ା ବନ୍ଧା ହେଲା । ସେ ନିଜେ ମନ ଇଚ୍ଛା ଗ୍ରାସେ ପାଣି ପିଇ ଗଛ ମୂଳରେ ଟିକିଏ ଗଡ଼ ପଡ଼ ହେଲେ । ଦେଖୁ ଦେଖୁ ଖୁବ୍ ନିଦ ଲାଗିଗଲା ।

ଖରା କମି ଗଲାଣି । ତେବେ ବି ନିଦ ଭାଙ୍ଗିନାହିଁ । ପାଣି ନେବା ପାଇଁ ଆସିଲେ ଯୋଡ଼ିଏ ତରୁଣୀ । ବଣ୍ଣ ହୋଇ ସାଉଥାନ୍ତି । ପିଲ୍ ଝିଲ ଆସି ହେଲା ଉପରେ । ଦେହ ମୁହଁରେ ଯୌବନର ରୂପ ପୂର ରହିଥାଏ । ସେଥିରେ ଜଣେ ମାଲ୍ୟାଣୀ ଓ ଆଉ ଜଣେ କୁମ୍ଭାରୁଣୀ । ଦୁହେଁ ସଦୃଶୀ । ଜଣକର କାକ ଚରିତ ଆଉ ଜଣକର ପଞ୍ଚପକ୍ଷୀ ସାଧନା ଥାଏ । ସେମାନେ ଗଛ ମୂଳେ ଶୋଇଥିବା ରାଜାପୁଅଟିକୁ ଦେଖି ବଡ଼େ ଠିଆ ହେଲେ । ଜଣେ କହିଲା— ଡାକିବା । ଆଉ ଜଣେ କହିଲା—ଆମେ କୁଳ ଭୂଆସୁଣୀ, ସେ ବିଦେଶୀ ଯୁବା । ତାଙ୍କୁ ଉଠାଇ ତାଙ୍କ ସଙ୍ଗେ କଥାବାର୍ତ୍ତା ହେବା

Digitized by srujan ka@gmail.com

ଯଦି କାହାର ନଜରରେ ପଡ଼େ, ତେବେ ମୁଣ୍ଡରେ ନ ଆଉ ବାଳ ରହି ପାରିବ ନାହିଁ । ଘୋର ଦୁର୍ଦ୍ଦଶା ହେବ ।

କୁମ୍ଭାରୁଣୀ କହିଲା—ଆଚ୍ଛା ସଙ୍ଗାତ ! ଆମେ ଦୁହେଁ ଯାକ ତ ବହୁଦର୍ଶୀ । ପାଠ ସାହାଯ୍ୟରେ କଣ ସ୍ତ୍ରୀ'ଙ୍କ କଥା ଜାଣି ପାରିବା ନାହିଁ । ଏଡ଼େ ସୁନ୍ଦର ସୁଆ । ଚେହେରାରୁ ଜଣା ଯାଉଛି ରଜା ଜମିଦାରଙ୍କ ପୁଅ ପରି । ଦେଖିଲେ ମହା ମହା ରମଣୀମାନେ ଟଳି ପଡ଼ିବେ । ଦେବକନ୍ୟାମାନେ ସ୍ୱଚ୍ଛେ ମହତ ବଳ ଦେବାକୁ । ଏଭଳି ଗୋଟିଏ ଯୁବକର ସଂସାରରେ କଣ ଅଭାବ ହୋଇଛି ଯେ, ଏଡ଼େ ବଡ଼ ଖରାରେ ଆସି ଏ ଅପନ୍ତରା ପୋଖରୀ କୂଳେ ପଡ଼ିଛନ୍ତି ।

ମାଳ୍ୟାଣୀ କହିଲା—ସତ କଥା କହିଲ ସଙ୍ଗାତ ! ଏଠି ଠିଆ ହେବା ଭଲ ନୁହେଁ । ପାଣି କୂଳକୁ ଚାଲ, ଧିର ସ୍ଥିରରେ ବସି ଗଣନା କରିବା ।

ସେଇ କଥା ହେଲା । ପ୍ରଥମେ ମାଳ୍ୟାଣୀ ଗଣନା କରି କହିଲା—ଆଗୋ, ଏ ଯାଉଛନ୍ତି ବେଙ୍ଗକଣ୍ଟ ରାଇଜକୁ । ସେଠାକାର ରଜାଝିଅର ଯୋଡ଼ିଏ ପଣ ପୂରଣ କଲେ ତାକୁ ବାହା ହୋଇ ବାକ ଯୌତୁକ ନେଇ ଫେରିବେ । ନ ପାରିଲେ କାରାଗାରରେ ରହି ଚୂନ ଭଜା ଓ ଗଧ ଚୋପି ପିଷିବେ ।

କୁମ୍ଭାରୁଣୀ କହିଲା—କାହିଁକି ମ ! ତାର ତ ପ୍ରଥମ ପଣ ହେଉଛି ତା ବଗିଚାରେ ଫୁଲଗଛ ସଂଖ୍ୟା କରି କହିବା, ଦ୍ୱିତୀୟରେ ଗୁପ୍ତ ଧନ ଭଣ୍ଡାର ଅଛି ଯୋଉଠି ? ଏଇ ଯୋଡ଼ାଏ ହେଲା କଥା । ଏତକ କଣ ସେ କହି ପାରିବେ ନାହିଁ ।

ମାଳ୍ୟାଣୀ କହିଲା—ଜଣାଥିଲେ ସିନା କହନ୍ତେ ?

କୁମ୍ଭାରୁଣୀ କହିଲା—ଆମେ ତ ଜାଣି ପାରିଲେଣି । ସେ ତ ଦୈବକୁ ଆଜି ଆସି ଆମ ଦୃଷ୍ଟିରେ ପଡ଼ିଲେ । ମୋ ବିଚାର

Digitized by srujan ka@gmail.com

କହୁଛି—ବିପନ୍ନ ଲୋକଙ୍କୁ ସାହାଯ୍ୟ କଲେ ପ୍ରଭୁ ସନ୍ତୋଷ ହୁଅନ୍ତି । କଥାଟା ତାଙ୍କୁ ଜଣାଇ ଦେଲେ ହେବ ।

ମାଳ୍ୟାଣୀ କହିଲା—କେମିତି ଜଣାଇବା ?

କୁମ୍ଭାରୁଣୀ କହିଲା—ଆମ ଆଖିରେ କଳା ଓ ମୁଣ୍ଡ ଖୋଷାରେ ଲେଖା ଅଛି । ଶୁଖିଲା କେନ୍ଦୁ ପତ୍ର ଉପରେ ଲେଖି ତାଙ୍କ ମୁଣ୍ଡ ପାଖରେ ରଖିଦେବା ।

କଥାଟା ଦୁହିଁଙ୍କ ମନକୁ ପାଇଗଲା । ତେଣୁ ସେହିପରି କାମ କଲେ । ଦୁଇଟି ଯାକ କଥାର ଯବାବ ଲେଖି ରଖି ଦେଇ ଗଲେ ଜୟଚନ୍ଦ୍ର ମୁଣ୍ଡ ପାଖରେ । କାଳେ ନିଦ ନ ଭାଙ୍ଗିବ । ପବନରେ ପତ୍ରଟା ଉଡ଼ିଯାଇ ପାରେ, ଏଥିପାଇଁ ତା ଉପରେ ମୁଠାଏ ପାଣି ଢାଳି ଦେଲେ ।

ଚମକି ପଡ଼ି ଚଞ୍ଚଳ ଉଠିବସିଲା ଜୟଚନ୍ଦ୍ର । ସ୍ୱର ଆଡ଼କୁ ଅନାଇ ଦେଖିଲା ଅଳ୍ପ ଦୂରରେ ରମଣୀ ଯୋଡ଼ିଏ ତାକୁ ଅନାଇ ଠିଆ ହୋଇଛନ୍ତି । ନିଜେ କିଛି ପଚାରିବା ଆଗରୁ ସେମାନେ ଗୀତରେ ଜଣାଇ ଦେଲେ—

| | |
|---|---|
| ମୁଣ୍ଡ ପାଖେ ଯେଉଁ ପତ୍ର | ପତ୍ର ଲେଖେ ପଢ଼ିବ |
| ପଣର ଅର୍ଥେ ସେ ଉତ୍ତର | ରାଜଜେମା ମାଗିବ । |
| ତର ତର କେବେ ନୋହିବ | ସ୍ଥିର ଥିବ ସର୍ବଦା |
| ଦୁର୍ଗମରେ ଯାଦ ଦେଇଛୁ | ଅତି ଜଟିଳ ଧନ୍ଦା । |
| ଯାଅ ବନ୍ଧୁ ହେବ ମଙ୍ଗଳ | କନ୍ୟା ରତ୍ନ ଲଭିବ , |
| ଆମ ଦେବଙ୍କର ଏ କଥା | ମନୁ ଭୁଲି ନ ଯିବ । |

ଗୀତ ଛଳରେ ଏତିକି ଜଣାଇ ଦେଇ ସେମାନେ ଚାଲିଯିବା ପରେ ଜୟଚନ୍ଦ୍ର ମୁଣ୍ଡ ପାଖରୁ ସେ ଲେଖା ଖଣ୍ଡିକ ପାଇ ପଢ଼ିଲା । ମନଟା ଖୁବ୍ ଆନନ୍ଦ ହୋଇଗଲା ତାର । ରମଣୀ ଦୁଇ ଜଣଙ୍କ ପ୍ରତି ଭକ୍ତି ବି ଆସିଲା । ମନ ଭିତରେ ତାଙ୍କୁ ପ୍ରଣାମ ଜଣାଇ ସଜ-

Digitized by srujan ka@gmail.com

ବାଜ ହୋଇ ଚଢ଼ିଲ ଘୋଡ଼ାରେ । ସେତେବେଳକୁ ବେଙ୍ଗବତୀ ରାଜ୍ୟ ପାଖେଇ ଆସିଥାଏ । ପରଦିନ ସନ୍ଧ୍ୟାବେଳେ ଦରବାରରେ ପହଞ୍ଚି ଜଣାଇ ଦେଲା—ଆସିଛି ପଣ ପୂରଣ କରିବାକୁ । ରଜା ତାକୁ ବସା ସଜ୍ଜା ଦେଇ ରଖାଇଲେ । ସେତେବେଳକୁ ପଣ ପୂରଣ କରି ନ ପାରି ଅନେକ ରଜାପୁଅ କାରାଗାରରେ ରହିଲେଣି । ଏ ବି ଜଣେ ଆସିଛି । ମନ୍ତ୍ରୀ କହିଲେ 'ବନ୍ଦୀଙ୍କୁ ଆଜି ମୁଠିଏ ଭଲ ଭାତ ଖାଇବାକୁ ଦେଇ ରାଜ ସମ୍ମାନ ଦେଖାଅ । କାଲିକି ବନ୍ଦୀ ସଂଖ୍ୟା ହେବ ଶହେ ।

ପରଦିନ ସକାଳେ ଡେରା ବାଡ଼ ପକାଇ ଲୀଳାବତୀ ଆସିଲା ଗୋଟିଏ କାଚ ଘର ଭିତରକୁ । ମଝିରେ ଉଜ୍ଜ୍ୱଳ କାଚର ଗୋଟିଏ ପରଦା କାନ୍ଥ ଥାଏ । ସେଇ କାନ୍ଥର ଏପଟେ ଜୟଚନ୍ଦ୍ର ଓ ସେ ପଟେ ଲୀଳାବତୀ ବସିଲେ । ଦେଖା ଦେଖି ହେବାରେ ଆଉ କିଛି ବାଧା, ବନ୍ଧନ ରହିଲା ନାହିଁ । ଲୀଳାବତୀର ଆଖି ଝଲସି ଉଠିଲା ଜୟଚନ୍ଦ୍ରର ରୂପ ଦେଖି । ଜୟଚନ୍ଦ୍ର ବି ଲୀଳାବତୀକୁ ଦେଖି ପ୍ରସନ୍ନ ହୋଇଗଲା । ଦୁହେଁ ଖୁବ୍ ଶୀଘ୍ର ଦୁହିଁଙ୍କି ପାଇ ଉପଭୋଗ କରିବା ନିମନ୍ତେ ବ୍ୟଗ୍ର ହୋଇ ଉଠିଲେ । ମାତ୍ର ଉପାୟ କାହିଁ ? ଆଗରେ ପ୍ରତିବନ୍ଧକ ପାଚେରୀ ରୂପେ ଠିଆ ହୋଇଛି—ସେଇ ଯୋଡ଼ିକ ପଣ ।

ଜୟଚନ୍ଦ୍ର ପଚାରିଲା— ତୁମର କି, କି, ପଣ ପୂରଣ କରିବାକୁ ପଡ଼ିବ ଜେମା ?

ଲୀଳାବତୀ କହିଲା —ମୋ ନୂଆ ବଗିଚାରେ ଫୁଲଗଛ ଗଣନା କରି କହିବ, ତାର ସଂଖ୍ୟା କେତେ ?

ଜୟଚନ୍ଦ୍ର କହିଲା—ସେ କଥା ମୋ ନଖ ଦର୍ପଣରେ ଅଛି । ତୁମେ ଲୋକ ଲଗାଇ ଗଣାଅ । ଠିକ୍ ଗୋଟିଏ ଊଣା ଲକ୍ଷେ ହେବ ।

Digitized by srujan ka@gmail.com

ଚମକି ପଡ଼ିଲେ ଲୀଳାବତୀ । ହଠାତ୍ ତା ମୁହଁରୁ ଶୁଣାଗଲା କିପରି ଜାଣିଲ ? ଜୟଚନ୍ଦ୍ର କହିଲା—ଗଣନାରୁ ।

ଲୀଳାବତୀ କହିଲା—ଠିକ୍ ।

ଦେଖଣାହାରୀ ଲୋକମାନେ ଏଣେ କରତାଳି ଦେଇ କହିଲେ—ହୋଇଛି ହୋଇଛି । ରାଜାପୁଅ ଜିଣିଛି ।

ଲୀଳାବତୀ ରାଗରେ ଗର ଗର ହୋଇ କହିଲା—ଭୁଲ ହୁଅ । ଅଧେ ଜିଣିଛନ୍ତି ସେ । ବର୍ତ୍ତମାନ ପର୍ଯ୍ୟନ୍ତ ଆହୁରି ଅଧେ ବାକି ଅଛି ।

ଦର୍ଶକମାନେ ସେତେବେଳେ ଉଠିଥାନ୍ତି ଜୟଚନ୍ଦ୍ର ଆଡ଼େ । ତେଣୁ ସମସ୍ୱରରେ କହିଲେ—ପଚାର ? ପଚାର ?

ଲୀଳାବତୀ କହିଲା—ଆମ ରାଜ୍ୟରେ ଗୁପ୍ତ ଧନ ଭଣ୍ଡାର ଅଛି କେଉଁଠି ?

ଜୟଚନ୍ଦ୍ର କହିଲା—ସାପୁଆ ନଦୀ କୂଳରେ ଅଛି ବେଙ୍ଗେଇ ପର୍ବତ । ସେଇ ପର୍ବତ ଉପରକୁ ଉତ୍ତର ପଟେ ଦେଇ ଦେଢ଼ ଶହ ହାତ ଚଢ଼ିଗଲା ପରେ ଦେଖାଯିବ ଖଣ୍ଡେ କଳା ପଥର । ତାକୁ ଆଡ଼େଇ ଦେଲେ ବାହାରିବ ଗୋଟିଏ ଗନ୍ଧର୍ବର ପଥର ମୂର୍ତ୍ତି । ତାହାର ତଳେ ଅଛି ଧନ ଭଣ୍ଡାର । ହୀରା, ନୀଳା, ମୋତି, ମାଣିକ୍ୟ ସୁନା, ରୁପା ଇତ୍ୟାଦି ଥାକ ଅଛି ସେଠି । ଯଦି ମୋ କଥାରେ ବିଶ୍ୱାସ ନ ହେଉଛି ତେବେ ତୁମେ ଲୋକ ପଠାଇ ପରୀକ୍ଷା କରି ନେଇ ପାର ।

ଲୀଳାବତୀ କହିଲା—"ଠିକ୍ ।" ମାତ୍ର ତୁମେ ଜାଣିଲ କିପରି ?

ଜୟଚନ୍ଦ୍ର କହିଲା—ଏ ପ୍ରଶ୍ନଟି ତୁମର ନିତାନ୍ତ ଅବାନ୍ତର । ମୁଁ ଯେମିତି ପାରେ ସେମିତି ଜାଣେ, ତୁମ ପଣ ପୂରଣ କରିଛି । ନାହିଁ ଯଦି ଅସ୍ୱୀକାର କରିବ, ତେବେ ପ୍ରମାଣ କରି ଦେଖିବା ।

ଲୀଳାବତୀ କହିଲା—ତୁମେ ଯାହା କହିଛ, ତାହା ଅକ୍ଷରେ ଅକ୍ଷରେ ସତ୍ୟ । ମୋତେ ଆଉ ପ୍ରମାଣ କରାଇବା ଦରକାର ନାହିଁ । ବର୍ତ୍ତମାନ ମୁଁ ହାରିଛି ।

Digitized by srujan ka@gmail.com

ରଜା ରାଣୀ ସମସ୍ତେ ଆନନ୍ଦିତ ହେଲେ । ଲୀଳାବତୀ ସଙ୍ଗେ ଜୟଚନ୍ଦ୍ରର ବାହାଘର ହେବା କଥା ସ୍ଥିର ହେଲା । ତା ପୂର୍ବରୁ ଅନେଶ୍ୱର ରଜାପୁଅ କାରାଗାରରୁ ମୁକ୍ତ ହୋଇ ଜୟଚନ୍ଦ୍ରର ବର-ଜାତି ପଣ କଲେ । ଖୁବ୍ ଧୁମ୍ ଧାମରେ ବାହାଘର ସରିଲା । ଦାନ ଯୌତୁକ ନେଇ ଲୀଳାବତୀ ସଙ୍ଗେ ପହଞ୍ଚିଲେ ନିଜ ରାଜ୍ୟରେ ।

ସାନ୍ତୁ ଭିତରେ ମାରୁ    ନଡ଼ିଆ ଭିତରେ ପାରୁ
ଓଲୁଅ କହୁଛି ମୋ କଥାଟି ବୁଝ
ଗୋଟି ଯାକ ଅଟେ କାନ୍ତୁ ।

ଦିନ କେତେ ଖୁବ୍ ଭଲରେ କଟିଲା । ଲୀଳାବତୀ ନିପୁଣ କାନ୍ଧଦେଲା ଦିନେ ଗୁଡ଼ ଦିନେ ଜୟଚନ୍ଦ୍ର ତା ଜଉଆସକୁ ଯିବେ । ଦାସୀ ପରିଚାରିକାମାନେ ଦିନ ଛଡ଼ା ରାତ୍ରିକି କେହି ତା ପାଖରେ ରହିବେ ନାହିଁ । ନିତି ଦଶମାଳ ସଜ ମଲ୍ଲୀହାର ଦରକାର ହେବ । ସବୁ କଥା ରଜା ଯୋଗାଇ ଦେଲେ । ନୂଆ ବୋହୂଟିଏ ଘରକୁ ଆସି ଥିବାରୁ ସମସ୍ତେ ଖୁସି । ରାଣୀ ନିଜେ ତାର ଭଲ ମନ୍ଦ ଖବର ବୁଝନ୍ତି । କିଛି ନା କିଛି ଅଭାବ ପଡ଼ିଲେ ଯୋଗାଇ ଦିଅନ୍ତି । ମାତ୍ର ଜାଣି ପାରନ୍ତି ନାହିଁ । ବୋହୂଟି ଭଲ କି ମନ୍ଦ ।

କିଛି ଦିନ ଭଲରେ କଟିଗଲା ପରେ ରାଜବାଟିରେ ଆରମ୍ଭ ହୋଇଗଲା ସର୍ବନାଶି ତୋଫାନ । ଶୋଇବା ଶେଯରେ ରଜା ରାଣୀ ମଲେ । ରୋଗ ନାହିଁ କି ବଇରୀ ନାହିଁ । ଖାଇ ପିଇ ଭଲରେ ଶୋଇଛନ୍ତି । ସକାଳୁ ଦେଖିଲା ବେଳକୁ କାମ୍ ଫତେ । କଣ ଦସ ଯାଏ ? ବିଧାତା ଉପରେ କଣ କାହାର ହାତ ଅଛି ? ଚର ମର ସଂସାର । ଆଜି ଜିଏ ଅଛି, କାଲିକି ନାହିଁ । କାଲିକା ମଣିଷ ପରଦିନ ଖତମ୍ । ସବୁଟି ବିଧାତାର ଖେଳ । ସେ ଯେତେବେଳେ ଯାହାକୁ ଯେମିତି ନଚାଉଛି ସେ ସେମିତି ନାଚୁଛି । ତେଣୁ କଥାରେ ଅଛି —

Digitized by srujan ka@gmail.com

ମଣିଷ ଭବୁଛି ବୁଦ୍ଧି ବାହୁ ବଳେ
ନଚାଇ ଦେବ ଜଗତ
ତା ଦେଖି ବିଧାତା ବଦ୍ଧ ମୁଷ୍ଟି ଛଳରେ
ହସୁଅଛି ଅବିରତ ।
ଜାଙ୍ଗଳକ ଯେପରି ମର୍କଟ ଗଳାରେ
ଦୃଢ଼ ରୂପେ ରଜ୍ଜୁ ଛନ୍ଦ
ନଚାଉଛି ତେସନ୍ତେ ନଚାଉଛି ଧାତା
ମାନବକୁ କରି ବନ୍ଦୀ ।

ବିଧାତା କେଳାରୂପ ଧରି ହଠ କରିବାରେ ଲାଗିଛି । ତା ମାୟାରେ ସମସ୍ତେ ବନ୍ଧା । ତେଣୁ ଦୁଃଖ କଲେ କଣ ହେବ ? ଜୟଚନ୍ଦ୍ର ବାପ ମାଆଙ୍କ ଶୁଦ୍ଧି କ୍ରିୟା ବଢ଼ାଇ ରାଜଗାଦୀରେ ବସିଲା । ଲୀଳାବତୀ ହେଲା ରାଣୀ । ମନ ଭିତରେ ତାର ଆଜଯାଏ ଗୋଟିଏ କଥା ଫୁଟୁଛି । ଜୟଚନ୍ଦ୍ର ସତ୍ତ ଫୁଲ ଗଛ କଥା ଓ ଧନ ଭଣ୍ଡାର କଥା ଜାଣି ପାରିଲେ, ତେବେ ଅନାଥା ନ ଜାଣିବେ କାହିଁକି ? ଏଣୁ ସେ ଦିନେ ନ ଖାଇ ନ ପିଇ ଅଭିମାନୀ ହେଲା । ଜୟଚନ୍ଦ୍ର ପଚାରିଲାରୁ କହିଲା—ତୁମେ ମୋ ପଣ ପୂରଣ କଥା କିପରି ଜାଣିଲ, ସେ କଥା ନ କହିଲେ ମୁଁ ନ ଖାଇ ନ ପିଇ ମରିବି ପଛକେ ଆଉ ଦୁଷ୍ଟଙ୍କ ପାଇଁ ତୁମରି ହେବି ନାହିଁ ।

ଛନ୍ଦ କଥା ବୁଝି ନ ପାରି ସତ କଥା ଯାକ କହିଦେଲେ ଜୟଚନ୍ଦ୍ର । ଲୀଳାବତୀ କହିଲା—ଦେଖ ସେ କୁମ୍ଭାରୁଣୀ ଓ ମାଳୁଣୀ ଦୁହିଁଙ୍କି ମାରି ରକ୍ତ ଆଣିଦିଅ । ମୁଁ ତାଙ୍କ ରକ୍ତ ଚଟା ନ କଲେ ଅନ୍ନ ଜଳ ଛୁଇଁବି ନାହିଁ ।

ବଡ଼ ଅଡ଼ୁଆରେ ପଡ଼ିଲେ ଜୟଚନ୍ଦ୍ର । ଯାହାଙ୍କ ଯୋଗେ ସେ ଜଗତ ମଝିରେ ବଳସ୍ପୀ ଘଣରେ ଠିଆ ହୋଇଛନ୍ତି, ତାଙ୍କୁ ଯାଇ ହତ୍ୟା କରିବେ କିପରି ? ଜଗତରୁ ଧର୍ମ କଣ ଲୋପ ପାଇଯିବ ?

Digitized by srujan ka@gmail.com

ଯାହା ହେଉ, ଏଣେ ଲୀଳାବତୀର ମନ ରକ୍ଷା ନ କଲେ ନ ଚଳେ । ତେଣୁ ସେ ମିଛ ମିଛକା ଥରେ ଦୁଇ ଥର ଘରୁ ବୁଲିଗଲେ । ତେଣୁ ସେ ଫେରିଲା ବେଳକୁ ବଣରୁ ଚଢ଼େଇଟିଏ ମାରି ପଥ ଠୋଲରେ ରକ୍ତ ଆଣି କହିଲେ—ଏ ତାଙ୍କର ରକ୍ତ । ଲୀଳାବତୀ ଟିକିଏ ଶାନ୍ତି ପାଇଲା । ଏଣେ ଜୟଚନ୍ଦ୍ରଙ୍କ ମନରେ ଆସିଲା ଘୋର ସନ୍ଦେହ । ତେଣୁ ସେ ଲୀଳାବତୀର ଉଆସରେ ଗୁପ୍ତ ପ୍ରହରୀ ନିଯୁକ୍ତ କଲେ । ନିଜେ ମଧ୍ୟ ସତର୍କରେ ରହିଲେ ।

ମଦନସେନ ବୋଲି ଗୋଟିଏ ଗନ୍ଧର୍ବ ସଙ୍ଗରେ ଲୀଳାବତୀର ପିଲାଦିନରୁ ଭାବ । ବାପ ଘରେ ଥିଲାବେଳେ ଦୁହେଁ ବର ଘରଜା ରୂପେ ଚଳୁଥିଲେ । ସେ ତାକୁ ନ ଦେଖିଲେ ବଣା, ସିଏ ତାକୁ ନ ଦେଖିଲେ ବଣା । ଗନ୍ଧର୍ବ ଆସେ ରାତିରେ । ସେ କଥା ଆଜି ପର୍ଯ୍ୟନ୍ତ କେହି ଜାଣି ପାରି ନ ଥାନ୍ତି । ବାପ ଘର ଛାଡ଼ି ଲୀଳାବତୀ ଯେତେବେଳେ ଶାଶୁ ଘରକୁ ଆସିଲା, ସେତେବେଳେ ମଦନସେନକୁ କହିଲା—ତୁମେ ଥରେ ଛାଡ଼ି ଥରେ ଯିବ । ଏଣେ ଜୟଚନ୍ଦ୍ରଙ୍କୁ କହିଲା—ତୁମେ ଥରେ ଛାଡ଼ି ଥରେ ଆସିବ । ଯୋଉଁଠି ଏ ସ୍ତ୍ରୀ ଯୋଡ଼ିଏ ସ୍ୱାମୀଙ୍କୁ ଏହିପରି ସନ୍ତୋଷରେ ରଖିଥାଏ । ମଦନସେନ ସବୁକଥା ଜାଣେ । ଜୟଚନ୍ଦ୍ର କିଛି ଜାଣନ୍ତି ନାହିଁ । ସେଇ ମଦନସେନ ପରାମର୍ଶରେ ଉତ୍କଟ ବିଷ ଦେଇ ରଜା ସଣୀଙ୍କି ମାରିଛି ଲୀଳାବତୀ । ବର୍ତ୍ତମାନ ଯୋଜନା ଚାଲିଛି ଜୟଚନ୍ଦ୍ରଙ୍କୁ ମାରି ପକାଇବା କଥା ।

ଗୁପ୍ତ ପ୍ରହରୀ ସକଳ କଥାର ସନ୍ଧାନ ନେଇ ଜୟଚନ୍ଦ୍ରଙ୍କୁ ଜଣାଇଦେଲା । ଜୟଚନ୍ଦ୍ର ମଧ୍ୟ ସତର୍କ ରହି ମଦନସେନ ଯିବା ଆସିବା କଥା ଜାଣି ପାରିଲେ । କ'ଣ କରିବେ ତାଙ୍କ ମୋଟେ ବୁଦ୍ଧି ବାଟ ଦେଖାଗଲା ନାହିଁ । ଝଟକେ ସେ ସିଧା ସିଧା ପଳାଇ ଗଲେ ସେଇ ମାଲୁଣୀ ଓ କୁମ୍ଭାରୁଣୀଙ୍କ ସନ୍ଧାନରେ । ଗାଁ ଲୋକମାନେ ଜାଣିଲେ । ରଜାଙ୍କୁ ଚିହ୍ନିଲେ । ସଫା ସଫା କଥା ପଡ଼ିଲା । ତାପରେ

Digitized by srujan ka@gmail.com

ଦେଖା ଦେଲେ ମାଳୀଣୀ ଓ କୁମ୍ଭାରୁଣୀ । ସବୁ କଥା ଯାକ ଶୁଣିସାରି ମୁହଁରେ ଲୁଗା ଦେଇ ହସିଲେ ଏବଂ କହିଲେ—ମହାରାଜ ! ତୁମେ ଗୋଟିଏ ରାକ୍ଷସୀକୁ ବାହା ହୋଇଛ । ଆଜଠୁଁ ସାତଦିନ ଭିତରେ ସେ ତୁମକୁ ବିଷଦେଇ ମାରିବା ଯୋଗାଡ଼ରେ ଅଛି । ସାବଧାନରେ ଚଳୁଥାଅ । ଆହୁରି ମନେରଖ, ତୁମର ଯିଏ ଅତି ବିଶ୍ୱାସୀ ଲୋକ, ତାକୁ କହିବ, ଯଦି ଦୈବାତ୍ କେତେବେଳେ ତୁମକୁ ସେ ମାରି ପକାଏ, ତେବେ ଦେହଟାକୁ ପୋଡ଼ାପୋଡ଼ି ନ ଦେଇ ତେଲ କୁଣ୍ଡରେ ପକାଇ ଦେବ ଓ ମହାଦେବଙ୍କ ମନ୍ଦିରରେ ସାତଦିନ ଯାଏ ଅଭିଷେକ କରାଇ ଜଳଶାୟୀ କରାଇବ । ତା ହେଲେ ତୁମେ ପୁଣି ବଞ୍ଚିଯିବ ।

ସବୁ କଥା ଶୁଣି ଜୟଚନ୍ଦ୍ର ଲେଉଟିଲେ ରାଜ୍ୟକୁ । ମନ କଥା ମନରେ ଥାଏ । ମନ୍ତ୍ରୀ ତାଙ୍କର ଏକ ମାତ୍ର ବିଶ୍ୱାସୀ ଲୋକ । ତେଣୁ ସବୁ କଥା ତାଙ୍କୁ ବୁଝାଇ ଦେଲେ । ଲୀଳାବତୀ ଉପରେ ପ୍ରବଳ ରାଗ ଆସିଲା । ତେଣୁ ଆଉ ନିୟମ ରକ୍ଷା ନ କରି ସେ ଦିନ ସନ୍ଧ୍ୟାବେଳକୁ ଯାଇ ପହଞ୍ଚିଲେ ତା ଆବାସରେ । ସେ ଯେତେ କାରଣ କଲେ ବି ମାନିଲେ ନାହିଁ ।

ମଦନସେନ ଗନ୍ଧର୍ବ ଏକଥା ଜାଣି ପାରି ନ ଥିଲା । ଲୀଳାବତୀ ବି ତାକୁ ସମ୍ବାଦ ଦେବାକୁ ବେଳ ପାଇ ନାହିଁ । ଦୈବାତ୍ ସେ ଦିନ ସେ ଆସି ପହଞ୍ଚିଗଲା ବେଳକୁ ରଜା କହିଲେ—କିଏରେ ଚୋର ତୁ ? କାହା ଅନୁମତି ନେଇ ଏଠାକୁ ଆସିଛୁ । କହୁ କହୁ ତଣ୍ଟିଟାକୁ ଚିପି ଧରି ମାଡ଼ ବସିଲେ । ଭୟ ପାଇ ମଦନସେନ ଗାଁ ଗାଁ ହେଲା ଓ କହିଲା—ମରିଗଲି, ମରିଗଲି, ମୋତେ ଛାଡ଼ିଦିଅ ।

ଲୀଳାବତୀ ମଦନସେନର ବିକଳ ସ୍ୱର ଶୁଣି ପାରି ରଜାଙ୍କୁ ହାଣିଦେଲା ତାଙ୍କ ଖଣ୍ଡାରେ । ଘରସାରା ରକ୍ତ ଲହଡ଼ି ଛୁଟିଥାଏ । ମଦନସେନ ଏ କଥାଟା ବର୍ଦ୍ଦାସ୍ତ କରି ନପାରି ଚିତ୍କାର କରି ଉଠିଲା । ଲୀଳାବତୀ ରାକ୍ଷସୀ, ତୁମେ ଏ କଣ କଲ ? ନିଜ ହାତରେ

Digitized by srujan ka@gmail.com

ନିଜ ସ୍ୱାମୀର ହତ୍ୟା । ଓଃ ଭୂମିପର ପାପିନୀର ମୂର୍ତ୍ତି ସ୍ପର୍ଶିବା ମଧ୍ୟ ପାପ । କହି ଉଠିଲା ମଦନସେନ ।

ଲୀଳାବତୀ ଚିତ୍କାର କରି ଡାକ ପକାଇଲା—ଧାଇଁ ପଡ଼ ହୋ, ଧାଇଁପଡ଼ । ମୋ ଉଆସରେ ଅସୁର ପଶିଛି ।

ଜାଗ୍ରତ ପ୍ରହରୀମାନେ ଯାଇ ମନ୍ତ୍ରୀଙ୍କି ଜଣାଇଲେ । ଶୁଣି କରି ତାଙ୍କ ମୁହଁରେ ଟିକିଏ ହସ ଉକୁଟି ଉଠିଲା । କାରଣ, ସବୁ କଥା ଆଗରୁ ଜାଣିଥିଲେ ସେ । ସେହିକ୍ଷଣି ସେଠାକୁ ଯାଇ ଲୀଳାବତୀକୁ କାରାଗାରକୁ ପଠାଇ ଦେଲେ । ରଜାଙ୍କ ଗଣ୍ଡି ମୁଣ୍ଡ ଠେଲି କୁଣ୍ଡରେ ପଡ଼ି ଗୋଟିଏ ନିବୁଜ ଘରେ ରହିଲା । ତେଣେ ଗ୍ରାମର ମହାଦେବ ମନ୍ଦିରରେ ଅଭିଷେକ ଓ ଜଳଶାୟୀ ।

ସାତଦିନ ପରେ ରଜା ବଞ୍ଚିଲେ । ଲୀଳାବତୀକୁ କାରାଗାରରୁ ଅଣାଇ ନାଣ୍ଡି କରାଇଲେ । ଦୁ' ଗାଲରେ ଚୂଆ ଦେଇ ବାହାର କରିଦେଲେ ରାଜ୍ୟରୁ । ନିଜେ ସନ୍ନ୍ୟାସୀ ହୋଇ ବନସ୍ତକୁ ପଳାଇ ଥିଲେ । ଆମେ ପ୍ରଜା ପାଠକ ମିଶି ବୁଢ଼ାବୋଲି ଭଣିବାରୁ ରାଜର୍ଷି କରୁଛନ୍ତି । ହେଲେ, ସ୍ତ୍ରୀ ମାନଙ୍କ ମୁହଁ ଦେଖିବାକୁ ଘୃଣା କରନ୍ତି । କଥା କଥାକେ କହନ୍ତି—

କ୍ଷୀରରେ ଧୋଇଲେ ଖଣ୍ଡରେ ମୋହିଲେ
ନିମ୍ବ କି ମଧୁର ହୋଇବ
ସୁନା ମହଲରେ ଯତ୍ନେ ରଖି ନାରୀ
ଚରିତ୍ର ନ ପାଲଟିବ ।

କୁହୁକୁଣୀ ସେହି ରୂପ ମାୟାରେ
ମାତାଲ କରେ ଜଣକୁ
କହୁ ହସେ ପୁଣି ଆନକୁ ଟାଣିବ
ଆପଣାର ଆୟତ୍ତକୁ ।

Digitized by srujan ka@gmail.com

ସାରୀ କହିଲା—ହୁଁ, ଏଇ ଗୋଟାଏ କଥା । ଏଇଥିରେ ନାରୀ ଜାତି ବିଶ୍ୱାସଘାତକ ହୋଇଗଲେ । ଆରେ ତୋର ଯେବେ ଶୁଣିବାକୁ ଇଚ୍ଛା, ତେବେ ମୁଁ ଠିକ୍ ଏଇଠୁ ଆରମ୍ଭ କରୁଛି ଶୁଣ ।

ଟେକା ବୁଢ଼ା ମୋର ଟେକାବୁଢ଼ା
ଫୋକା ଯାଇଥିଲା ସୂତା ବାନ୍ଧ ।
କୁଚା ଆସି କଲା ହରବର
କରଣ ଲେଖଇ ତର ତର ।
ସରକୁ କହଇ ହର ବୋଇ
ଶ୍ରାବଣ ମାସିଆ କଷି ଓଇ ।
ଗୋଟିଏ ଦେବୁ ଲୋ ଆଣି
ମନଦେଇ ଶୁଆ ଶୁଣରେ କୁମାରୀ
ମଉନାବତୀ କାହାଣୀ ।

# କୁମାରୀ ମଉନାବତୀ କାହାଣୀ

ପୂରଦମରେ ବୃଳିଛି ପ୍ରବୀର । ଇଚ୍ଛା ତାର କପଟ କନକ-ଚମ୍ପାକୁ ବଞ୍ଚାଇ ପାରିବ ? ମନ ଭିତରେ କେବଳ ଗୁମୁରି ଉଠୁଛି ଏଇ ଗୋଟିଏ ଚିନ୍ତା । ଏ ମଧ୍ୟରେ ସନ୍ଧ୍ୟାବାଳୀ କଥା ଭୁଲି ଯାଇଛି । ଯୁବକ ଦଶାଦାର ତ । ଭଅଁର ଯେମିତି ମଲ୍ଲୀ ଫୁଲକୁ ଆଦର କରିଥାଏ, ପୁଣି ଚମ୍ପକ ଫୁଲ ବାସନା ପାଇଲା ମାତ୍ରେ ତାକୁ ଛାଡ଼ି ଛୁଟିଯାଏ ତା ପାଖକୁ । ସେମିତିଆ ଏଁତେ । ଏଥିରେ ଛଟପଟ ଅଛି ଆଉ କଣ ?

ଶୁଆ ଟିକଏ ରାଗି ଉଠିଲା । କହିଲା—ବୁଝିଲୁ ନାଁ ସାରୀ ! ମୋତେ ଏମିତି ଫାଜିଲାମି କଥା ମୋଟେ ଭଲ ଲାଗେ ନାହିଁ । କହିବାର ଅଛି ତ କାହାଣୀ କହିଯା । ପୁରୁଷମାନଙ୍କୁ ମଝିରେ ମଝିରେ ସମାଲୋଚନା କଲେ ମୋ ହାଡ଼ ଜଳି ଉଠୁଛି ।

Digitized by srujan ka@gmail.com

ସାରୀ କହିଲା—ଖାଲି ହାଡ଼ ଗଡ଼ିବା କଥା କ'ଣ କହୁଛୁରେ ଶୁଆ ! ହାଡ଼, ମାଉଁସ ରକ୍ତ ସବୁ ଗଡ଼େଇ ଦେବ । ତୁ କ'ଣ କର ପାରିଲୁଣିକ ? ଶୁଣ୍ ।

ପ୍ରବୀରର ମନ ଏଇକ୍ଷଣି ସନ୍ଧ୍ୟାକାଳୀନ ଘୁଡ଼ି ଉଡ଼ି ଯାଇଛି କନକ ଚମ୍ପା ଉପରେ । ତେଣୁ ଘଡ଼ି ଘଡ଼ି ଭାବୁଛି ତାର କଥା । କେମିତି ତାକୁ ବଞ୍ଚାଇ ପାରିଲେ ପୁଣି ଦଖାଦାଜ କରିବ । ଯାଉଥାଏ, ଏଣିକି ତେଣିକି ଅନାଅନି କରି ଦୁନିଆର ଶୋଭା ଦେଖୁଥାଏ । ଗଙ୍ଗା ଦେବୀତ ତାକୁ ଦୁର୍ଭେଦ କବଚ ଓ ଧନୁଶର ଦେଇଛନ୍ତି । ମାଟିର ସାପଦ ଅଛି । ଭୟ କ'ଣ ?

ଗୋଟିଏ ପାହାଡ଼ ତଳେ ଦେଖିଲା ସିଂହଟିଏ ପଡ଼ିଛି ଲମ୍ବବାଲ ହୋଇ । ଗୋଟାଏ ବଡ଼ ଅଜଗର ସାପ ତାକୁ ଗିଳିବ ବୋଲି ଦେହସାରା ତାର ଗୁଡ଼ାଇ ହୋଇ ଗଲାଣି । ଉଠି କଣବାକୁ କି କୁଦା ମାରିବାକୁ ସିଂହର ଆଉ ବଳ ନାହିଁ । ସେତେବେଳକୁ ସେ ଅଣକଟା ହୋଇ ଖାଲି ପାଟିଟାକୁ ପାକୁ ପାକୁ କରୁଥାଏ ।

ପ୍ରବୀର ଭାବିଲା ସାପଟାକୁ ମାରି ସିଂହଟାକୁ ମୁକୁଳାଇ ଦେବ । ପୁଣି ଭାବିଲା—ସାପ ଅରଣ୍ୟବାସୀ, ସିଂହ ବି ଅରଣ୍ୟବାସୀ । ଦୁହେଁ ଲଢ଼ା ଲଢ଼ି ଅବସ୍ଥାରେ ଥିବାରୁ ଏକ ପ୍ରକାର ପଙ୍ଗୁ ପାଲଟିଛନ୍ତି । ଏଥିରୁ ଗୋଟିକୁ ମାରିଦେଲେ ଆଉ ଗୋଟିଏ ମୁକ୍ତି ପାଇ ଯେବେ ଆକ୍ରମଣ କଲା, ତେବେ ଜାଣି ଶୁଣି ବିପଦକୁ ଡାକି ଆଣିବା କଥା ହେବ । ଦେଖିକରି ଗୋଟିଏ ପ୍ରାଣୀକୁ ବିପଦରେ ସାହାଯ୍ୟ ନ କଲେ ଧର୍ମ ବି ସମ୍ଭବ ନାହିଁ । ଏଣୁ ସେ ପଡ଼ିଗଲା ବୋବାଇରେ । ଭାବିଲା ଅନେକ କଥା । ଧାପରେ ଧନୁରେ ଶରଯୋଡ଼ି ଗୋଟିଏ ଶର ମାରିଲା । ସାପ ଦେହର ଖଣ୍ଡେ ଛିଣ୍ଡି ଗଲା ସିନା । ସେ ଖଣ୍ଡିକ ପୁଣି ଆଉ ଗୋଟିଏ ସାପ ହୋଇ ସିଂହ ଦେହରେ ଗୁଡ଼ାଇ ହୋଇଗଲା । ଏମିତି ପାଞ୍ଚୋଟି ଶରମାରି ପାଞ୍ଚଖଣ୍ଡ କାଟିଲା ପରେ ସମୁଦାୟ

Digitized by srujan ka@gmail.com

ଛଅଟି ସାପ ଦେଖା ଦେଲେ । ସିଂହ ବଡ଼ସ୍ତ ଘୋଟିକର ଆକ୍ରମଣର ସମ୍ମାନ ପାରୁ ନ ଥିଲା । ତାକୁ ଯେତେବେଳେ ଛଅଟି ସାପ ଆକ୍ରମଣ କଲେ, ସେତେବେଳେ ଆଉ କରେ କ'ଣ ? ସୁତରାଂ ଗୁଳିଆରେ ଆଖି ଖୋସିଦେଲା ଉପରକୁ । ଘୋର ଦୁଃଖ ଆସିଲା ମନରେ । ହାତରେ ଥିବା ସାପକୁ କହିଲା—

ଗଙ୍ଗା ସାପ ଉଡ଼ିଯାଇ ଦେ
ସାଙ୍ଗ ଛୁଇଁଙ୍କି ବାଟେଇ ନେ ।

ମାଟି ସାପ କହିଲା—

ପକା ତଳେ ଅକେଇ ମୋତେ
ଦେଖାଇ ଦେବ କ୍ଷମତା ତୋତେ ।

ଏକଥା ଶୁଣି ଡୁମ୍ବାର ମାଟି ସାପଟାକୁ ତଳେ ପକାଇ ଦେଲା । ଦେଖୁ ଦେଖୁ ସେ ଗୋଟାଏ ମାଣ୍ଡ ସାପ ହୋଇ ବଢ଼ିଗଲା ବଣକୁ । ତାକୁ ଦେଖି ସିଂହ ଦେହରେ ଥିବା ସାପମାନଙ୍କୁ ମୋହ ଲାଗିଲା । ସେମାନେ ଆଉ ନିଜକୁ ଆୟତ୍ତରେ ରଖି ପାରିଲେ ନାହିଁ । ସିଂହକୁ ଛାଡ଼ି ଗୋଡ଼ାଇଲେ ମାଣ୍ଡ ସାପ ପଛରେ । ସିଂହ ବଢ଼ିଗୁ ମୃତ୍ୟୁମନ୍ତାରୁ ଉଦ୍ଧାର ପାଇ ଇଙ୍ଗିତ କଲା ପାଣି ପିଇବାକୁ ।

ଡୁମ୍ବାର ତା ଧନୁଶର ସାହାଯ୍ୟରେ ମାଟି ଫୁଟାଇ ପାଣି ବାହାର କଲା । ସିଂହ ସେ ପାଣିରୁ ମନ ଇଚ୍ଛା ଯେତେ ପିଇ ଟିକିଏ ସୁସ୍ଥ ହେଲା ପରେ କହିଲା—ଖୁସି ହେଲି । ଶିବ ସାମ୍ରାଜ୍ୟରେ ଯୋଉ ମଞ୍ଜନାବଣ୍ଟ କନ୍ୟା ଅଛି, ସେ ତୋତେ ପ୍ରାପ୍ତ ହେଉ ।

ସିଂହ ଚାଲିଗଲା । ଡୁମ୍ବାର ସ୍ମୃତିରେ ଲେଖି ହୋଇ ଗଲା କୁମାରୀ ମଞ୍ଜନାବଣ୍ଟୀର ନାମ । ମନେ ମନେ ଫେଡ଼ ଉଠିଲା ତାର । କନକଚମ୍ପା କଥାର ପାଶୋର ପକାଇଲା । ଖାଲି ଭାବୁଥାଏ—କେଡ଼େ ସୁନ୍ଦରୀଟିଏ ହୋଇ ନ ଥିବ ମଞ୍ଜନାବଣ୍ଟୀ ? ସତେ କଣ ମୁଁ ତାକୁ ପାଇବ ?

Digitized by srujan ka@gmail.com

କେଉଁଠି ସେ ଗିରିରାଜ୍ୟ, ସେଠାକାର ରଜା ବା କିଏ ? ସିଂହ ଶାଳ କଥାଟି କହି ଦେଲି ସିନା ? ତଥ୍ୟ କାହିଁ ।

ଏମିତି ଗୁଜବ ଆଗକୁ ବଢ଼ି ଚାଲିଥାଏ ଗୁଞ୍ଜାର । ମାଛି ଧାଉଁଛି କଣ ସାପଯାକଙ୍କୁ ଭ୍ରମରେ ପକାଇ ଦେଇ ଖଞ୍ଜାରେ ଖସି ଆସିମ ପୁଣି ପ୍ରବୀର ହାତକୁ । ଏଣିକି ଆଉ ପରୁଆ ଅଛି କଣ ? ଚାଲିଲା ସେ ପ୍ରବଳ ବିକ୍ରମରେ ।

ଗିରି ରାଜ୍ୟର କୁମାରୀ ମଲ୍ଲିକାବତୀ । ସୁନ୍ଦରୀ ଜଗତର ଶ୍ରେଷ୍ଠ ସମ୍ପଦ । ପାଞ୍ଚ ବରଷ ହେଲା ବସିଛି ତପସ୍ୟାରେ । କାହାରିକ ପଦେ କଥା କହିବା କି ଆଖି ଖୋଲି ଅନାଇବା କଥା ନାହିଁ । ରଜାଙ୍କର ସେଇ ଗୋଟିଏ କୋଳି ଝିଅ । ତାକୁ ସେ ଅତି ଅଲିଅଳ କରି ବଢ଼ାଇ ଥିଲେ । ହେଲେ ତା ଜୀବନରେ ଝଡ଼ ଉଠିଲା । ଗୋଟିଏ ସନ୍ୟାସୀ ପରି ଜଣେ ଲୋକ । ଦିନେ ଆସି କହିଲେ—ମାଁ ମୁଁ ଗୋଟିଏ ହତଭାଗା, ତୋ ପାଖକୁ ଆସିଛି ଗୋଟିଏ ବର ମାଗିବାକୁ । ଯଦି ନ ଦେଉ ତେବେ ମୋତେ ଆତ୍ମହତ୍ୟା କରିବାକୁ ପଡ଼ିବ ।

ପଚାରିଲା—କି ବର ?

କହିଲେ—ସତ୍ୟ ନ କଲେ କହିବି ନାହିଁ ।

ଶଙ୍ଖରେ ଜଳ ନେଇ ଦେଇ ସତ୍ୟ କଲା ମଲ୍ଲିକାବତୀ । କହିଲା—ସତ୍ୟ କଲି । ମୋ ନାରୀତ୍ୱ ଛଡ଼ା ଆଉ ଯାହା ମାଗିବ, ତାହା ଦେବା ପାଇଁ ସାରା ଜୀବନ ଚେଷ୍ଟା କରିବି । ବଞ୍ଚିଥିବା ଭିତରେ ଯଦି ଦେଇ ନ ପାରେ, ତେବେ ତୁମେ ନିରାଶା ହେବ ।

ସନ୍ନ୍ୟାସୀ ଏଥର ଦମ୍ ଛାଡ଼ିଲେ ଓ କହିଲେ—ଦେଖ ମା ! ସଂସାରରେ ମୋର ଗୋଟିଏ କୋଳି ଝିଅ ଥିଲା । ତା ନାଁ ଚନ୍ଦ୍ରକଳାବତୀ । ବହୁ ପାଠ ଶାଠ ପଢ଼ାଇ ତାକୁ ପଣ୍ଡିତା କରିଥିଲି । ଏଭଳି ଗୀତ ଶିଖାଇ ଥିଲି ଯେ, ଶୁଣିଲେ ଗନ୍ଧର୍ବ ଓ ଅପସରାମାନେ ମ

Digitized by srujan ka@gmail.com

ଆପଣା ମନକୁ ଲୁଚ ପାଇ ଯାଆନ୍ତି । ଖୁବ୍ ସୁନ୍ଦରୀ ଓ ବୁଦ୍ଧିମତୀ ମଧ୍ୟ । ହେଲେ ଦୈବ ଦୁର୍ଯୋଗରୁ ଜଣେ ଯାଦୁକର ତାକୁ ଗୋଟିଏ ଛୋଟ ଫୁଲ କରି ଉଡ଼ାଇ ନେଲା ଏବଂ ସାତ ସମୁଦ୍ର ମଝିରେ ଥିବା ଗୋଟିଏ ଟାପୁରେ ରଖିଛି । ସେଠାକୁ ଯାଇ ତାକୁ ଆଣି ପାରିବା ମୋ କ୍ଷମତାର ବହିର୍ଭୂତ କଥା । ତେଣୁ ତୋତେ ଭରସା କରି ଏଠାକୁ ଆସିଛି । ତୋ ବାପ ରଜା । ତାଙ୍କର ଅନେକ ବୋଇତ ଅଛି । ମାଝି ବି ଅଛନ୍ତି । ଇଚ୍ଛାକଲେ ସାତ ସମୁଦ୍ର କାହିଁକି, ସତର ସମୁଦ୍ରକୁ ଖେଦି ପକାଇବେ । ଗୁଣୀ ଗାରେଡ଼ି, ଯାଦୁ, ମନ୍ତ୍ର ଯାହା କିଛି ଦରକାର, ସବୁ କିଛି ମିଳି ପାରିବ, ତୁ ଚେଷ୍ଟା କଲେ । ତେଣୁ ମୁଁ ଆଶା ବାନ୍ଧି ଆସିଛି । ଯେ କୌଣସି ମତେ ଝିଅଟିକୁ ଆଣି ମୋତେ ଦେ ।

କ'ଣ କରିବ ମଉନାବତୀ । ବଚନ ତ ଦେଇ ସାରିଛି । ମନା କଲେ ସତ୍ୟ ଭଙ୍ଗ ହେବ । ଏଣୁ ବାପାଙ୍କୁ କହି ଜାହାଜରେ ସମୁଦ୍ର ଭିତର ଯାଇ ବୁଲି ଖୋଜିଲା । ଅନନ୍ତ ସମୁଦ୍ରର ଘାତ ପ୍ରତିଘାତରେ କେତେ ବୋଇତ ଭାଙ୍ଗିଲା, ବୁଡ଼ିଗଲା, ମାଝିମାନେ ମଲେ । ତଥାପି ସେ ଛାଡ଼ିଲା ନାହିଁ । ଏମିତି ଏମିତି ତିନିବର୍ଷ ପରେ ପୁଣି ନିରାଶହୋଇ ବସିଲା ତପସ୍ୟାରେ । ମୁଣ୍ଡ ପାଖରେ ଲେଖି ଦେଲା ଯିଏ ଏଇ ରାଜକୁମାରୀକୁ ଆଣି ମୋ ପାଖରେ ଦେଇ ପାରିବ, ମୁଁ ତାକୁ ବର ଦେବି ଓ କଥା କହିବି । ତା ନହେଲେ ମୁଁ କାହାରିକି ପାଟି ଫିଟାଇବି ନାହିଁ । ସାରା ଜୀବନ ମଉନରେ ରହି ମଉନାବତୀ ନାମର ସାର୍ଥକତା ହାସଲ କରିବି ।

ଖୋଜି ଖୋଜି ପଚାରି ପଚାରି ପ୍ରବୀର ଯାଇ ପହଞ୍ଚିଲା ଗୋଟିଏ ଶବର ପଲ୍ଲୀରେ । ଦିନେ ଦି'ଦିନ ସେମାନଙ୍କ ପାଖରେ ରହି ମିଳାମିଶା କରି ମଉନାବତୀର ସନ୍ଧାନ ପାଇଲା । ଗୋଟିଏ ବୁଢ଼ା ଶବରକୁ ସାଙ୍ଗରେ ନେଇ ସେଠାରେ ପହଞ୍ଚିଲା ପରେ ସବୁକଥା ଜାଣି

Digitized by srujan ka@gmail.com

ଧାରଣ ଓ ମଜ୍ଜନାବତୀଙ୍କ ଜଗିଥିବା ଲୋକମାନଙ୍କୁ କହିଲା—ଦେଖ ତୁମ ଜେମାଙ୍କ ସତ୍ୟରକ୍ଷା କରିବା ସକାଶେ ମୁଁ ଯାଉଛି । କଜ୍ଜ୍ୱଳ-ବତୀଙ୍କ ନିଶ୍ଚେ ମୁକ୍ତ କରି ଆଣିବି । ମୋ ନ ଫେରିବା ଯାଏ ତାଙ୍କୁ ଜଣାଇ ଦିଅ, ସେ ସେହିପରି ତପସ୍ୟାରେ ବସିଥିବେ ।

ଜଗୁଆଳମାନେ ଲେଖା ସାହାଯ୍ୟରେ ମଜ୍ଜନାବତୀଙ୍କ ସବୁକଥା ଜଣାଇ ଦେଲେ । ମଜ୍ଜନାବତୀ ବୃତ୍ତାନ୍ତ ପୂର୍ବରେ ନିଜର ସମ୍ମତି ଜଣାଇଲା ପରେ ବଦାବନ୍ଧ ହୋଇ ବାହାରି ପଡ଼ିଲା ସାଗର ଅଭିଯାନରେ । ପାଖରେ ଅଛି ଗଙ୍ଗା ଦେବୀଙ୍କ ଧନୁ, ଶର ଓ ଦୁର୍ଭେଦ୍ୟ-କବଚ । ତାରି ସାହାଯ୍ୟରେ ସେ ଯାଇ ସମୁଦ୍ର ଭିତର ଯାକ ଖୋଜା ଖୋଜି କଲା କେତେ ଜଳଜନ୍ତୁ ଆସିଲେ ତାକୁ ଖାଇ ଯିବାକୁ । ଶେଷରେ ସେମାନଙ୍କର ହାର ହେଲା । ଯାଦୁକର ଆସି ଯାଦୁ ମନ୍ତ୍ର ପ୍ରୟୋଗ କଲା । ଭେଳିକ ଲଗାଇଲା । କୋଉଥିରେ ପାରିଲା ନାହିଁ ପ୍ରବୀରକୁ । ମାଟିର ସାପ ଓ ଗଙ୍ଗାଦେବୀଙ୍କ ପାଞ୍ଚ ବାଣ ସମସ୍ତଙ୍କ ବୁଦ୍ଧି ବଳ ହଜମ କରିଦେଲା ।

କଜ୍ଜ୍ୱଳବତୀ ପଦ୍ମଫୁଲ ହୋଇଥାଏ । ଯାଦୁକର ସେଥିରୁ ମନ୍ତ୍ର ବଳରେ ମଧୁ ସଂଗ୍ରହ କରି ପୂଜା କରୁଥାଏ ଯାଦୁ ଦେବତାଙ୍କୁ । ପ୍ରବୀର ସେହି ଦେବତାଙ୍କୁ ପଙ୍କଜା ଶରରେ-ପଙ୍କ ବନାଇ ଦେଲା । ଅମୃତା ଶରରେ ପଦ୍ମଫୁଲକୁ ମଣିଷ କରି ନେଇ ଆସିଲା ମଜ୍ଜନାବତୀ ପାଖକୁ । ସନ୍ନ୍ୟାସୀ ତାଙ୍କ ଝିଅକୁ ପାଇଁଲେ । ମଜ୍ଜନାବତୀ କଥା କହିଲା । ତାପରେ ହେଲା ପ୍ରବୀର ସଙ୍ଗେ ବାହାଘର । ସନ୍ନ୍ୟାସୀ କଜ୍ଜ୍ୱଳବତୀଙ୍କ ମଧ୍ୟ ମଜ୍ଜନାବତୀ ପାଖରେ ଛାଡ଼ିଦେଇ ଗଲେ ।

ଗିରି ରାଜ୍ୟର ରଜା ଭାରି ଭଲ ପାଇଲେ ପ୍ରବୀରକୁ । ମଜ୍ଜନାବତୀଙ୍କ ବନ୍ଧୁ ହୋଇ ସେ ତାଙ୍କର ଘର ଜୋଇଁଆ ହୋଇ ରହିଲା । କଜ୍ଜ୍ୱଳବତୀ ବି ପାଖେ ଥାଏ । ଭାରି ମଜା ଲାଗୁଥାଏ

Digitized by srujan ka@gmail.com

ବିଳାସ, ଅଳସ, ଆମୋଦ, ପ୍ରମୋଦ ସବୁ ଭୁଲିଥାଏ ଧାରିବାଳିକ ସୂଟେ । ବେଳ ଆସିଲା ଅଣ୍ଡୁଆ । ପୁଣି ଲାଗିଲା ଚକ ଘୂରିବାକୁ । କଥାରେ ଅଛି—

ମନ ଲୋଡ଼ୁଥାଏ ନିରନ୍ତର ନୂତନ
ପୁରାତନେ ଅନାଦର
ଅନେକ ଲୋଡ଼ନ୍ତି ଅନ୍ତର, ଆତ୍ମର
ଲୋଡ଼େ ସଦା ନିସ୍ପାପର ।

ପ୍ରଭାତର ଗତି ବଦଳି ଯାଇଛି । ସେ ଆଖି ଆଗରେ କଳ୍ପଲତାର ଚାହାଁଣୀ, ନାଟକ, ଗୀତ, ନାଚ, ଯିବା ଆସିବାର ଢଙ୍ଗ ରଙ୍ଗ ଦେଖି ଚହଲି ଯାଇଛି । ମଞ୍ଜନାବତୀ ଉପରୁ କୋହଳ ହୋଇ ଆସିଛି ସ୍ନେହ, ସରାଗ ସବୁ କିଛି । ସେ ଦିନ ରାତି ଖୋଜୁଛି ତାର ସାନିଧ୍ୟ ଲାଭ କରିବାକୁ । ଗୋପନରେ ଦି'ପଦ କଥାବାର୍ତ୍ତା ଛଳରେ ମନକଥା ପ୍ରକାଶ କରିବାକୁ । ମାତ୍ର ସେ ସୁଯୋଗ ଠିକଣା ପାଇ ପାରୁ ନାହିଁ । କାହିଁକି ? ଏକମାତ୍ର ମଞ୍ଜନାବତୀ ଯୋଗେ ।

ମଞ୍ଜନାବତୀ ନାରୀ । ତା ହୃଦୟଟା ଲହୁଣୀ ପରି କଅଁଳ । ସେ ଜୀବନ ଦେଇ ଭଲ ପାଇଛି ପ୍ରଭାତକୁ । ଜଗତରେ ପ୍ରଭାତ ଛଡ଼ା କାହାକୁ ଆପଣାର ବୋଲି ଭାବି ନାହିଁ କି ଭାବିବ ବୋଲି ଆଶା କରିନାହିଁ । ପ୍ରଭାତ ତାର ସ୍ୱାମୀ, ବନ୍ଧୁ, କୁଟୁମ୍ବ ସବୁ କିଛି । ତେଣୁ ତା' ଉପରେ ଗୋଡ଼େ ଗୋଡ଼େ ଆଖି ରଖିଥାଏ । ଏକାନ୍ତରେ କଳ୍ପଲତା ସଙ୍ଗେ ମିଶିବାକୁ ଦିଏ ନାହିଁ ।

ଦିନକର ଘଟଣା । ସନ୍ଧ୍ୟାବେଳେ କଳ୍ପଲତା ଯାଇଥାଏ ନଈକୁ ଗାଧୋଇ । ସଙ୍ଗରେ କେହି ନଥାନ୍ତି । ଗାଧୋଇ ପାଧୋଇ ସାରି ଏକାକିନୀ ସେ ଗୋଟିଏ ପାଣି ମାଠିଆ କାଖରେ ଧରି ଲେଉଟୁଥାଏ । ଏମିତିବେଳେ ଓର ଜଣି ପ୍ରଭାତ ଯାଇ ବାଟ

Digitized by srujan ka@gmail.com

ଜଗାଇଲା । କହିଲା—ତୋତେ ମୁଁ ଆଶା କରୁଛି ନଜର ଭରି ନେବାକୁ । ତୁ ମୋତେ ନିରାଶ କରନା ।

କଜ୍ଜ୍ୱଳବତୀ କହିଲା— ମଦନାବତୀ ଥାଉ ଥାଉ ସେକଥା କେବେ ହୋଇ ପାରିବ ନାହିଁ । ସେ ମୋତେ ନିୟମ ଦେଇ ମନା କରିଛି । ତେଣୁ ମୁଁ ନାଚାର । ତା ନ ହେଲେ ତୁମ ଭଳି ଯୁବକର ସାନିଧ୍ୟ ଲାଭ କରିବାକୁ କେଉଁ ରମଣୀର ଇଚ୍ଛା ନ ହେବ ?

ପ୍ରବୀର କହିଲା— ତେବେ ଯା ଆଜ ମୁଁ ତୋତେ ନିରାପଦରେ ଛାଡ଼ି ଦେଲି । ସାତଟି ଦିନମାତ୍ର ସମୟ । ତାପରେ ତୁ ହେବୁ ମୋର, ମୁଁ ହେବି ତୋର ।

ତା କଥାରେ ଆଉ କିଛି ଉତ୍ତର ନ ଦେଇ ଚାଲିଗଲା କଜ୍ଜ୍ୱଳବତୀ । ପ୍ରବୀର ମନରେ ନାନା ପ୍ରକାର ଜାଲ ବୁଣି ବୁଣି ଗଲା ଘରକୁ । ମନ କଥା ମନରେ ଥାଏ । ମଦନାବତୀଙ୍କ କିଛି ନଜଣାଇ ନଅର ଠାରୁ ଟିକିଏ ଦୂରରେ ଗୋଟିଏ ବଡ଼ ଖଣା ଖୋଳାଇଲା । ଅନେକ ଲୋକ ଲାଗି ଦୀର୍ଘ ସାତଦିନ ପରେ ଖଣା ଖୋଳା ଶେଷ ହୋଇ ଯିବାରୁ, ପ୍ରବୀର ଦିନେ ମଦନାବତୀଙ୍କ କହିଲା—ଦଶ ହଜାର ଭରଣ ଧାନ ଖଣି ପକାଇବା ପାଇଁ ମୁଁ ଗୋଟିଏ ଖଣା ଖୋଳିଛି । ତୁମେ ଚାଲ ଦେଖିବ ଏବଂ ଅଟକଳ କରି କହିବ, ସେଥିରେ ପ୍ରକୃତ କେତେ ଭରଣ ଧାନ ଧରି ପାରିବ ତାପରେ ଯାଇ ଧାନ ବୁହା ହେବ ।

କୂଟ କପଟ କଥା ବୁଝି ପାରିଲା ନାହିଁ ମଦନାବତୀ । ଗୋଟାଏ ଗଭୀର ଆବେଗରେ ଗଲା ପ୍ରବୀର ସଙ୍ଗେ । ଦସ୍ଟ ଏକ ରାତ । ଅନାର୍ଗଲେ, ଆଖି ପାଉ ନ ଥାଏ । ଖଣା ଦାଣ୍ଡରେ ଠିଆ ହୋଇ ଭିତରକୁ ଅନାଇଛି ମଦନାବତୀ । ମନେ ମନେ ଅଟକଳ କରୁଛି । ଏମିତି ବେଳେ ପଛରୁ ପେଲି ଦେଲା ପ୍ରବୀର । ଟେକାଟିଏ ଉପରୁ

Digitized by srujan ka@gmail.com

ଖସି ଚାଲେ ପଡ଼ିଲା ପରେ ଠିକଏ ଶବ୍ଦ ଶୁଭିଲା । ତାପରେ ସବୁ ଶେଷ । ହାଁ, ହାଁ କଣ ହେଲା ? ଦେଖ, ଦେଖ ।

ଦେଖିଲାବେଳକୁ ମଜ୍ଜନାବନ୍ତ ଯାଇ ସେ ପୁରରେ । ତାହାକୁ ବା କଏ କ'ଣ କହିବ ? ଯାହା ହେବାର ହେଲାଣି । ଗୋଡ଼ଖସି ଯାଇ ସେ ଗଡ଼ି ପଡ଼ିଲା । ଦୋଷ କାହାର ନାହିଁ । ଲୋକେ କହିଲେ—ସେଭଳି ପୂଜାରୁ ମଲା ସେ । ଏଣିକି ଆଜ ଆଜ ନାମ ଦେଖ । ମଲା ଗଲା, ନା ବୁଡ଼ିଲା ।

ଖୁସି ହେଲା ପ୍ରଦ୍ୟାର । ମଜ୍ଜନାବନ୍ତ ପରବର୍ତ୍ତେ ସେ କନ୍ଦ୍ୟୁଳକୁ ପାଇବ । ମନର ବନ୍ଧୁ ଧନର କାମନା । ଯିବି ହେବାର ଠିକଣା ବେଳ ଆସିଛୁ ଗୁଡ଼ିଲେ ଚଳିବ ନାହିଁ ।

କନ୍ଦ୍ୟୁଳବନ୍ତ କହିଲା—

ଦଶାବନ୍ଥା ପୁରୁଷ ଜାତି
ନ୍ୟାୟ ଧରମକୁ ନ ରଖି ଉପ୍ରୋଧ
ନାଶ ପ୍ରାଣେ ଦିଏ ମରଣ ଛାତି ।
ପାନ କରେ ଅଧର ମଧୁ
ପୁରୁଣା ହୋଇଲେ ପିଠା ମଣି ତାକୁ
ପୁଣି ଲୋଡ଼ ବସେ ନୂତନ ବନ୍ଧୁ ।
ପୁରୁଷକୁ ନାହିଁ ପରତେ
ନାଶ ମାରିବାକୁ ଫାନ୍ଦରେ ପକାଇ
ଜାତ ହୋଇଅଛୁ ଏହି ମରତେ ।

ତା ମୁଖରୁ ଏଭଳି କଥା ଶୁଣି ପ୍ରଦ୍ୟାର କହିଲା—ଏଭଳି କଥା ମନକୁ ଆଣ ନା କନ୍ଦ୍ୟୁଳ । ମୁଁ ଭଗବାନଙ୍କ ଶପଥ ନେଇ କହୁଛି, କେବେହେଲେ ତୋତେ ଅନ୍ତର କରିବ ନାହିଁ । ତୁ ମୋର ତପ, ଜପ, ଧ୍ୟାନ ସବୁ କିଛି ।

କନ୍ଦ୍ୟୁଳ କହିଲା—ମଜ୍ଜନାବନ୍ତ କ'ଣ ହୋଇ ନ ଥିଲା କି ?

Digitized by srujan ka@gmail.com

ପ୍ରବୀର କହିଲା—ହେଲେ କ'ଣ ହେବ ? ଚୋରଟେ ପାଇବା ଖାଇଁ ତାକୁ ହଟାଇ ଦେବାକୁ ପଡ଼ିଲା । ଷଡ଼ କାନ ମନ୍ତ୍ର ଭେଦ କରେ । କଥାଟା ଅନ୍ୟ କାହାରିକି ଜାଣିବାକୁ ନଦେଇ ଆଜି, ରାତା-ରାତି ଏଠୁ ପଳାଇ ଯିବା । ରଜାଙ୍କ କାନକୁ କଥାଟା ଗଲେ ଦୁହିଁଙ୍କର ଆଉ ରକ୍ଷା ନାହିଁ ।

ପ୍ରବୀରର କଥାର ମର୍ମ ବୁଝିଲା କଳ୍ପନା । ତେଣୁ ଦୁହିଁକି ଦୁହେଁ ରାତା ରାତି ରାଜ୍ୟ ପାର ହେଲେ ।

ବୁଝିଲୁ ଶୁଆ ! ଏଇତ ପୁରୁଷ ଜାତିର ଗୁଣ । ଯିଏ ତାକୁ ଜୀବନ ଦେଇ ଭଲ ପାଇଲା, ଆପଣାର କଲା ତାର ପୃଷ୍ଠରେ ଛୁରୀ ଚଳାଇ ଦେବାକୁ ସେ ବି ଭୁଲେ ନାହିଁ । ଏପରି ଅବିଶ୍ୱାସୀ ଆଉ କିଏ ଅଛି ?

ଶୁଆ କହିଲା—ଦୂର୍, ଦୂର୍ । ଏଭଳି କଥା କହିଲେ କଣ ମୁଁ ସମର୍ଥନ କରିବି । ପୁରୁଷ ପ୍ରକୃତରେ ପୁରୁଷ । ପ୍ରବୀର କେତେ ପରିଶ୍ରମ କଲା ମଜନାବଣ୍ଣ ପାଇଁ । ତାର କି ଗୋଟାଏ ମନ ଅଛି ? କଳ୍ପନା ସାଙ୍ଗରେ ଯଦି ତାକୁ ଟିକିଏ ମିଶିବା ପାଇଁ ମଜନାବଣ୍ଣ ସୁବିଧା ଦେଇଥାନ୍ତା, ତେବେ ଏଭଳି ଦୁର୍ଘଟଣା ଘଟିଥାନ୍ତା କାହିଁକି ? ଗୁଡ଼ ଯେମିତି ଏକଜିଦିଆ କାରବାର କଲା, ସେମିତି ପାଇଲା । ତୁ ଏଣିକି କାନ ଡେରି ଟିକିଏ ଦୋହୁରୁଣୀ ନାଗଙ୍କ ଗୁଣ ଗାନ ଶୁଣ୍ । ମୁଁ ଠିକ୍ ଏଇଠୁ ଆରମ୍ଭ କରିବି ।

ଶାରୀ—କହିଲା—କହ ।

ଶୁଆ ଆରମ୍ଭ କଲା—

ଟୁକୁଲୁ ମୁକୁଲୁ ଗୋଲେକ ଧନ୍ଦା
ସାରା ଦୁନିଆରେ ଲଗିଛି ଫନ୍ଦା
ପୋକଡ଼ା କହୁଛି ଆରେ ଧୋକଡ଼ା
କହ କିଆଁ ଲଗାଇଛୁ ଆଖଡ଼ା ?

Digitized by srujan ka@gmail.com

ଶୁଆ ଶାରୀ କାହାଣୀ

ଚକଡ଼ା ଉପରେ ଝଡ଼ା କପାସ
ଫଡ଼ା ଚରୁଥିଲା ନଡ଼ାକୁ ସାରା ।
ଗେଡ଼ା ଭଗବାନ ଚଡ଼ା ଧଇଲା
ନରସିଂଆ ବୁର ଧଡ଼ା ମାଇଲା ସେ
ଡାକ ପକାଇଲା ରାଣୀ
ଶୁଣୁଥିବୁ ସାସା ମନ କର୍ଣ୍ଣ ଡେର
କଜ୍ଜ୍ୱଳବତୀ କାହାଣୀ

## କଜ୍ଜ୍ୱଳବତୀ କାହାଣୀ

ସାଙ୍ଗରେ ଟଙ୍କା ପଇସା ଓ ସୁନା ରୁପା କଣ୍ଟ ବାନ୍ଧ ଗୁଞ୍ଜାର ଓ କଜ୍ଜ୍ୱଳବତୀ ରାତାରାତି ପଳାଇ ଗଲେ ଦୂର ଦୁରାନ୍ତକୁ । ସକାଳୁ ରଜା ବହୁତ ଖୋଜା ଖୋଜି କଲେ । ଖୋଜାଇବା ପାଇଁ ଦୂତ ପଠାଇଲେ ଦୂର ଦଗକୁ । କାହିଁକି ପଳାଇଲା, କ'ଣ ହେଲା ବୋଲି ଭାବନା ପଡ଼ିଲା । ମନ୍ତ୍ରୀ କହିଲେ ମଉନାବତୀକ ସେ ଭଲ ପାଉଥିଲା ଜୀବନ ପରି । ତାଙ୍କ ହଠାତ୍ ସେ ମରି ଯିବା ଦେଖି ମନରେ ବୈରାଗ୍ୟ ଆସିଲା କି କଣ ?

କେହି କେହି କହିଲେ—କାଳେ ଦୁଃଖରେ ନଈ 'ପୋଖରୀର ଭିତରେ ଡେଇଁ ପଡ଼ିଥିବ କି ନହେଲେ ଜଙ୍ଗଲରେ ଫାଶୀ ଲଗାଇ ଦେଇଥିବ । ମଣିଷର ମନ, ମଣିଷର ମାୟା । ସେ କଥା କିଏ କହି ପାରିବ ?

ଏମିତି ନାନା ପ୍ରକାର ଆଲୋଚନା ସମାଲୋଚନା କରି ସମସ୍ତେ ରହିଲେ । କଜ୍ଜ୍ୱଳ ଆସିଥିଲା ଯେମିତି ସଭିଙ୍କ ଅଜାଣତରେ, ଚାଲି ଗଲା ବି ସେମିତି । କେତୋଟି ଦିନ ପର୍ଯ୍ୟନ୍ତ ତା କଥା କାହାର ତାହାର ମନେ ରହିଲା ତାପରେ ଆଉ ନାହିଁ ।

ଏ ନୂଆଁ ଯାଇ ପହଞ୍ଚିଲେ ନରୋତ୍ତମ ବଣ ଭିତରେ । ହଠାତ୍ ଚୋରଡାକୁମାନଙ୍କ ଯଦି କାଳେ କଥାଟା ଧରା ପଡ଼ିଯିବ, ଏଥିପାଇଁ

Digitized by srujan ka@gmail.com

ଗୁପ୍ତ ଜଙ୍ଗଲର ରହିବାଟାକୁ ପସନ୍ଦ କଲେ । ପାଖରେ ଥାଏ ଗୋଟିଏ ଶବର ପଲ୍ଲୀ । ତିନି ପଚାଶଟି ଘର । ପିଲା, ବୁଢ଼ା, ଯୁବା, ଯୁବତୀ ହୋଇ ମଣିଷ ଦେଢ଼ଶ ପାଏ ଥାଆନ୍ତି । ଶିକାର ତାଙ୍କର ପ୍ରଧାନ କାର୍ଯ୍ୟ । ସାମାନ୍ୟ କିଛି କିଛି ଫସଲ ବି କରନ୍ତି । ସେମାନଙ୍କର ସାହୁ ନାହିଁ କି ମହାଜନ ନାହିଁ । କାହାରି ପାଖରେ କରସ୍ଥ ହୋଇ ଚଳିବାକୁ ଚାହାନ୍ତି ନାହିଁ । ସେମାନେ ନିଜ ଭିତରେ ରଜା, ମନ୍ତ୍ରୀ ଗଢ଼ି ପ୍ରଜା ହୋଇ ରହନ୍ତି । ଚାଷବାସ ଖଟାଇ ଖାଆନ୍ତି, କାମ କରନ୍ତି, କୁଟୁମ୍ବ ପୋଷନ୍ତି ।

ଜଙ୍ଗୁଳ ଓ ପ୍ରଭାର ସେଇମାନଙ୍କ ପଲ୍ଲୀର ଆଖ ପାଖକୁ ଲାଗିଥିବା ଗୋଟିଏ ନିର୍ଜନ ସ୍ଥାନରେ ଖଣ୍ଡିଏ ପତ୍ର କୁଡ଼ିଆ କରି ରହିଲେ । ଫଳ ମୂଳ ଖାଆନ୍ତି । ଶିକାର କରନ୍ତି । ଶରୀରକୁ ଉପଭୋଗ କରନ୍ତି ମନ ପ୍ରାଣ ଭରି । ଶବରମାନଙ୍କର ପାଳି ଅନୁସାରେ ହାଟବଜାରକୁ ଯାଇ ଆବଶ୍ୟକ ଅନୁସାରେ ସଉଦା ଆଣନ୍ତି । ପ୍ରଭାର ବି ତାଙ୍କ ସାଙ୍ଗରେ ଯାଏ । ଯାହା ଯେମିତି ତେଲ, ଲୁଣ, ଚାଉଳ, ମୁଗ ଡାଲି ଆସେ । ସରିଗଲେ ପୁଣି ଯାଏ । ଜଙ୍ଗୁଳବଣ୍ଟା ରାନ୍ଧେ, ବାଢ଼େ, ପ୍ରଭାରକୁ ଦିଏ, ନିଜେ ଖାଏ । ମନଟା ସବୁବେଳେ ଭରିଥାଏ ଆନନ୍ଦରେ । ଶବର ଓ ଶବରୁଣୀ-ମାନଙ୍କ ସଙ୍ଗରେ ଖୁବ୍ ଘନିଷ୍ଠତା ତାଙ୍କର । ମନ ମିଳାଇ ଚଳନ୍ତି । ହସ, ଖେଳ ଓ ନାଚ, କୁଦ କରନ୍ତି । ଜଙ୍ଗୁଳ ଗୀତ ଗାଏ । ଭଲ ଭଲ କାହାଣୀ କହେ । ଶାସ୍ତ୍ର ପୁରାଣର ଚର୍ଚ୍ଚା କରେ । ଶବରୁଣୀ-ମାନେ ଶୁଣନ୍ତି । ପ୍ରଶଂସା କରନ୍ତି । ନଈ, ଝରଣା ବୁଲାଇ ଦେଖାଇ ଦେବାକୁ ସାଙ୍ଗରେ ନିଅନ୍ତି ।

ଏବେ ପ୍ରଭାରି ଯାଇଥାଏ ଶବରମାନଙ୍କ ସଙ୍ଗେ ହାଟ କରିବାକୁ, ଫେରିବାକୁ ବହୁତ ବିଳମ୍ବ ହେଲା । ଜଙ୍ଗୁଳ ପାଇ ଚାହିଁ ଥରକୁ ଥିରି ବାଟରେ ଅନାଇ ଥାଏ । ବାଟ ପାଖରେ ତୋଟା ଖଣ୍ଡେ ।

Digitized by srujan ka@gmail.com

ଅବଧ ଗଛ ଲତାରେ ସୁନ୍ଦର ଦିଶେ । ସେଥିଁର ବହୁ କାଳରୁ ବସା ବାନ୍ଧି ରହିଥାଏ ଯୋଟିଏ ବୀର ବାଉଟୀ । ନାଁ ତାର ହାଡ଼ିଆ ବୀର । ଯୌବନରେ ଅବିବାହିତ ଥାଇ ମରିଥାଏ । ଗୁଣୀ, ଗାରେଡ଼ି ସାଧନା କରୁ କରୁ ଥରେ ମଶାଣୀରେ ତାକୁ ଭୂତ ମାଡ଼ ବସିଲା ଓ ହାଡ଼ରେ ପିଟିଲା ଖୁବ୍ ଯୋରରେ । ସେଇ ମାଡ଼ ହେଲା ତା ମୃତ୍ୟୁର କାରଣ । ଅଧା ଗୁଣିଆ ହୋଇ ମଲା । ତେଣୁ ହେଲା ବୀର ବାଉଟୀ । ପେଷଣ, ବସାଣ, କଷାଣ ସବୁ ଜାଣେ । ଯାହା ଉପରକୁ ଓହ୍ଲାଏ, ତାକୁ ସହଜରେ ଛାଡ଼େ ନାହିଁ । ନହୁଲି ବୟସୀ ସୁନ୍ଦରୀ ନାରୀମାନଙ୍କ ଉପରେ ତାର ଘୋର ଲୋଭ ।

ସେଦିନ ଫୁଲ ସଞ୍ଜବେଳେ କଜ୍ଜଳ ତା ହାବୁଡ଼େ ପଡ଼ିଯିବାରୁ ସେ ଆଉ ବିଳମ୍ବ ନ କରି ପ୍ରବେଶ କଲା ତା ଦେହରେ । ପ୍ରଥମେ ଶିର ଶିର ଲାଗି ଶୀତ ହେଲା । ହାଇ ଉଠିଲା । ଦେହଟା ସାପପରି ଭିଡ଼ ମୋଡ଼ ହେଲା ପରେ ଆରମ୍ଭ ହେଲା ପ୍ରଳାପ । ପ୍ରବୀର ହାଟରୁ ଫେରି ଦେଖେତ କଜ୍ଜଳ ନାଚୁଛି, ଗୀତ, ଗାଉଛି, ଲଙ୍ଗଳା ହୋଇ ଏଣେ ତେଣେ ଦଉଡ଼ୁଛି । ଲାଜ ସରମ କରୁ ନାହିଁ ।

ଏ କ'ଣ, ଏ କ'ଣ ହୋଇ ପ୍ରବୀର ଗଲା ତାକୁ ଧରିବାକୁ । ପାରିଲା ନାହିଁ । କଜ୍ଜଳ ତାକୁ ଦେଲା ଫୋପାଡ଼ ଯେ, ହବୁଷ ତଳେ ପଡ଼ି ଆଣ୍ଠୁ କଣ୍ଠୁ ଛୁଡ଼ିଗଲା । ରକ୍ତ ବୋହିଲା । ଆଉ ସାହସ କଲା ନାହିଁ ଧରିବାକୁ । ଶବର ପଲ୍ଲୀରୁ କେତେ ଜଣଙ୍କୁ ଡାକି ଆଣିଲା । ଖବରଟା ଜାଣିବା ମାତ୍ରେ ସ୍ତ୍ରୀ ପୁରୁଷ, ଷଣ୍ଡା, ବସ୍ତି ଜମା ହୋଇ ପଡ଼ିଲେ । ଦେଖା ଦେଖି କରି ବୁଢ଼ା ଶବର କହିଲା—ତାକୁ ବୀର ବାଉଟୀ ଲାଗିଛି । ଶୀଘ୍ର ଗୁଣୀଟୁଣିର ବରାଦ କର ।

ସବୁ ବରାଦ ହେଲା । ଗୁଣିଆ ଆସିଲେ । ମନ୍ତ୍ର, ଯନ୍ତ୍ର, ତନ୍ତ୍ର, ଯାହା କରୁ ହେଲା, କରୁ କାଟୁ କଲା ନାହିଁ । ସମସ୍ତେ ମୁଣ୍ଡରେ

Digitized by srujan ka@gmail.com

ହାତ ଦେଇ ବସିଲେ । ଜଣେ କହିଲା—ବାର୍ହା ଦୁଧ ଦଶ ସେର ନ ହେଲେ ବାଛୁରୀ ଛୁଡ଼ିବ ନାହିଁ ।

ପ୍ରବୀର କହିଲା—ଆଣିବ ।

ଗୁଣୀ ପଚାରିଲ—କେମିତି ଆଣିବୁ ?

କହିଲ— ମୋ ବୁଦ୍ଧିବଳ କଳ କୌଶଳ ଲଗାଇ ଯେମିତି ପାରେ ସେମିତି ଆଣିବ । କଥା ଶୁଣି ସନ୍ତୁଷ୍ଟେ କହିଲେ ଯା ।

ପ୍ରବୀର ସେମିତି ହେଲା କଲା ନାହିଁ । ଘର ଜଗାଇ ଦେଇ ଗଲା ମନୁଆ ନାମରେ ଗୋଟିଏ ଟେର ଯୁବକକୁ । ମନୁଆ ସାହସୀ, ବଳବାନ ଓ ହୃଷ୍ଟ ପୁଷ୍ଟ । ବଳଦ ବଳଦ ବାହା ଯୋଡ଼ାକ ତାର କୌଣସି କାମକୁ ଭୟ କରେନାହିଁ । ଆଖି ଯୋଡ଼ାକ ଦେଖିଲେ ଯୁବତୀମାନେ ବାଘୁଣୀ ହୋଇ ଉଠନ୍ତି । ଦେଖିବାକୁ ଭାରି ସୁନ୍ଦର ସେ କଥା କଥାକେ ହସେ । ଦରଦ ହେଲେ ଦଶଜଣ ପରି ସବୁ କାମ କରି ପକାଏ । କଜ୍ୱଳ ସାଙ୍ଗରେ ଆଗରୁ ତାର ପରିଚୟ ନ ଥିଲା ।

ପ୍ରବୀର ତାକୁ କହିଗଲା ଘର ଜଗି କଜ୍ୱଳକୁ ଦେଖା ଶୁଣା କରିବ ଓ ଖବର ଅନ୍ତର ବୁଝିବାକୁ । ତେଣୁ ସେ ସଦା ସର୍ବଦା ତାକୁ ଜଗି ବସିଲା । ସୀର ବାଛୁରୀ ସବୁ ବେଳେ ଉତ୍ପାତ କରୁ ନ ଥାଏ । ବେଳ ଦେଖି ପ୍ରକାଶ ହୁଏ । ବେଳ ଦେଖି ଯାଏ ଚରି କରିବାକୁ । ଯେତେବେଳେ ସେ ବୁଲିଯାଏ, ସେତେବେଳେ କଜ୍ୱଳବତୀ ଭଲ ମଣିଷ ପରି ବ୍ୟବହାର କରେ । ରନ୍ଧା ବଢ଼ା, ଖିଆ ପିଆ କୋଉଥିରେ ଖିଲାପ କରେ ନାହିଁ । ମନୁଆ ସାଙ୍ଗରେ ହସ ଖୁସି ହୁଏ । ଦୁହେଁ ବସି ଘଡ଼ିରେ ପହରେ ଗପନ୍ତି । ନିଜେ ଯାହା ଖାଏ, ତାହା ବି ମନୁଆକୁ ଖୁଆଏ । ସେ ଜଗିଥାଏ ତାକୁ, ଇଏ ଜଗିଥାଏ ତାକୁ ।

Digitized by srujan ka@gmail.com

ଯେତେବେଳେ ବାଉଟୀ ଲାଗେ କଣ୍ଟୁଳ ନାଟେ । ମନୁଆ ତାକୁ କୁଣ୍ଢାଇ କଣ୍ଠ ଧରେ । ତା ବନ୍ଧୁ ବାହୁର ପରଶ ଓ ଆଗ୍ରମ ଲୋଡେ କଣ୍ଟୁଳକୁ । ମନଟା ସ୍ଥିର ନ ଥିଲେ ମଧ୍ୟ ତାକୁ ଜଣେଇ ଜଣେଇ ଅନାଏ । ଦେହ ଭଲ ଥିଲା ବେଳେ ମନେ ମନେ ଭାବେ ଆଉ ଥରେ ପରଶ ଦଅନ୍ତା କି ମନୁଆ ! ଏଥିପାଇଁ ଥରେ ଥରେ ଛଟା ଗାଳ ମୂର୍ଚ୍ଛା ହୋଇଯାଏ । ମନୁଆ ତାକୁ ଓଟାରି କୁଣ୍ଢାଇ ଖୁବ୍ ଶୁଶ୍ରୂଷା କରେ । ଦାନ୍ତ ପାଟି ଫିଟାଇ ପାଣି ଦିଏ । ସେହି ଅବସରରେ କଣ୍ଟୁଳ ଜଡ଼ାଇ ଧରେ ମନୁଆର ଗଳାକୁ । ଗୁଣରେ ଗୁଣ ଓ ଦେହରେ ଦେହ ମିଶି ଯାଏ । ମନରେ ଶାନ୍ତି ବି ଆସେ ।

ଜଉ ନିଆଁର ଖେଳ । ମିଶା ମିଶି ଫଳରେ କେତେଦିନ ବା ଠିକ୍ ରହି ପାରନ୍ତା । ତେଣିକି ଯାହା ହେବାର କଥା ତା ବଢ଼ି ଚାଲିଲା ଧୀରେ ଧୀରେ ।

ପ୍ରବୀରର ଫେରିବାକୁ ଅନେକ ବିଳମ୍ବ ହେଲା । ଜଙ୍ଗଲର ବାର୍‌ହାମାନଙ୍କୁ ବଶ କରି ଦଶ ସେର ଦୁଧ ଆଣିବା ମଣିଷ ଅଛି ବା କିଏ ? ପ୍ରବୀରର ଏହା ଗୋଟାଏ ଅପଚେଷ୍ଟା ଛଡ଼ା ଆଉ କିଛି ନୁହେଁ । ଖୁବ୍ ଦୃଢ଼ ଅଛି ସେ । ପଣ କରିଛି ବାର୍‌ହା ଦୁଧ ନ ପାଇଲେ ଏଇଆଡ଼େ ମରିବ ପଛକେ ଆଉ କଣ୍ଟୁଳକୁ ମୁହଁ ଦେଖାଇବ ନାହିଁ । ଏଥିପାଇଁ ଖୁବ୍ ପ୍ରଚେଷ୍ଟା ବୁଲିଲା ପରେ କଲା ଗୋଟିଏ ଉପାୟ ।

ପାଖରେ ଥିଲା ପଙ୍କିଳା ଗଡ଼ । ଦେଉଥିଲେ ଗଙ୍ଗାଦେବୀ । ଗୁଣ ତାର ଅପ୍ରମିତ । ଧନୁଟ୍ରର ବସାଇ କହିଲା—

ଗଙ୍ଗାଦେବୀ ଦେଇଛନ୍ତି ବର ମନେ ତୋତେ
କପଟ କାଳରେ ସାହା ହେବାପାଇଁ ମୋତେ ।

Digitized by srujan ka@gmail.com

ତେଣୁ ମୁଁ କହୁଛି ଶର ବାସ୍ତୁ ବେଗେ ମିଳୁ
କାଟିଏ ବଳରେ ପଙ୍କ ଗଡ଼ଆ ଖୋଳିବୁ ।
ପଦ୍ମ ନାଡ଼, ସାରୁ ମୂଳ କଇଁ, କେଣ୍ଡ ଆଦ
ସେ ପଙ୍କ ପୋଖରୀ ମଧ୍ୟେ ରଖିବୁ ସମ୍ପାଦ ।
ଖାଇବା ପାଇଁ ଜଙ୍ଗଲ ବାର୍ହା ଯାକ ଧାଇଁ
ଆସିବେ ଏଠାକୁ ମୋର ଦୁଃଖ ଦୂର ପାଇଁ ।

କଥା ଅନୁସାରେ କାମ । ଦେଖୁ ଦେଖୁ ସବୁ ଠିକ୍ ହୋଇଗଲା । ଗୋଟିଏ ଗଛ ଡାଳରେ ମଞ୍ଚା ଖଣ୍ଡିଏ ବାନ୍ଧି ତାହା ଉପରେ ଜଗି ବସିଲା ପ୍ରବୀର । ଲକ୍ଷ୍ୟ ରହିଲା ବାର୍ହା କେତେବେଳେ ଆସିବେ ।

ଯୋଗକୁ ସେଦିନ ଗୋଟିଏ ବାର୍ହା ଚରି କରିବାକୁ ଆସି ପଙ୍କ ପୋଖରୀରେ ସାରୁ ମୂଳ, କଇଁ ମୂଳ, ଓ ପଦ୍ମ ମୂଳର ସନ୍ଧାନ ପାଇଲା । ମନ ଇଚ୍ଛା ପେଟେ ଖାଇ ଫେରିଗଲା ବସାକୁ । ଅନ୍ୟାନ୍ୟ ବାର୍ହାମାନେ ତା ପାଖରୁ ସନ୍ଧାନ ପାଇ ଖାଦ୍ୟ ଲୋଭ ଓ ପଙ୍କରେ ପଡ଼ିବା ଲୋଭରେ ଛୁଟି ଆସିଲେ । ଦଶ ପାଞ୍ଚ ନୁହେଁ, ଶହ ଶହ ସଂଖ୍ୟା ।

ସେମାନଙ୍କୁ ଦେଖି ଆନନ୍ଦ ହେଲା ପ୍ରବୀର । କେବଳ ସୁଯୋଗକୁ ମାତ୍ର ଅପେକ୍ଷା କରି ଥାଏ । ଚରି କରିସାରି ସେମାନେ ପଙ୍କକୁ ଗଡ଼ିଲେ । କଥାରେ ଅଛି—ଘୁଷୁରି ପ୍ରକୃତି ପଙ୍କରେ ଲୋଟେ ।

ବଢ଼ିଆ ପଙ୍କ ପାଇ ବାର୍ହାମାନେ ଆରମ୍ଭ କରିଦେଲେ ସେଥିରେ ଗଡ଼ିବାକୁ । ଦିନରାତି ସେଠୁ ଘୁଞ୍ଚିବାକୁ ମନ କରିଲେ ନାହିଁ । ଏହିପରି ଏକ ସୁଯୋଗ ଜାଣି ପ୍ରବୀର ପ୍ରଥମେ ମାରିଲା ପଦ୍ମବନା ଶର । ପଙ୍କ ପୋଖରୀ ଯାକ ପଦ୍ମ ଗଛରେ ଭରି ଉଠିଲା । ଫୁଲ, କଢ଼, କେଶର, କେଣ୍ଡ ଯାହାକୁ ଯେତେ । ଖାଇ ଖାଇ ବାର୍ହା ଯାକ ଅଣକଟା ହୋଇଗଲେ । ପୁଣି ଅମୃତ ଶର ମାରି

Digitized by srujan ka@gmail.com

ପଥ ଉପରେ ଅମୃତ ଗଦା କଲିଦେଲ । ଏଥରେ ଲୁଚି ହେଇ ବାର୍‌ହା-ମାନଙ୍କ ମନ ଆଉ ସୁସ୍ଥ ପାରିଲ ନାହିଁ । ସେମାନେ ଲାଗି ପଡ଼ିଲେ ଲୁଟିବାରେ । ଏଇ ଭିତରେ କଣ୍ଟକ ଶର ମାରି ଦେଲା ପ୍ରବୀଣ । କହିଲ—

କଣ୍ଟକ ବାଣରେ କଣ୍ଟକ ବାଣ,
ଦୟା କରି ରଖ ତୁ ମୋର ପ୍ରାଣ ।
ଏଇ ପୋଖରୀର ଘୁଷ ପାଖରେ
ମଜବୁତ ଭେଣ୍ଡ କର ଲୁଖାରେ
ଯାଇ ନ ପାରନ୍ତୁ ଏ ବାର୍‌ହା ଯାକ
ଈଶ୍ୱର ଶୁଣିବେ ଚେତେ ମୋ ଡାକ ।

ସତକୁ ସତ ପଙ୍କ ପୋଖରୀ ଘୁଷପାଖ ଯାକ କଣ୍ଟାବାଡ଼ ହୋଇଗଲା । ଏମିତି ପିମ୍ପୁଡ଼ିଟିଏ ଗଳିଯିବା ପାଇଁ ଫାଙ୍କ ରହିଲ ନାହିଁ । ବାର୍‌ହା ଯାକ ଅଡ଼େଇରେ ପଡ଼ିଲେ । ମନରେ ଭାରି ଭୟ ଆସିବାରୁ ଠିଆ ହୋଇ ଗଲେ କାବୁଯ୍ୟା ହୋଇ । ଖାଇ ଖାଇ ଶୋଷ ଲାଗୁଥିବାରୁ କେତେ ଗୁଡ଼ାଏ ଧକାଉ ଥିଲେ । ସେମାନଙ୍କ ଅନ୍ତର କଥା ବୁଝି ପାରି ବାରୁଣୀ ଶର ମାରିଲ ପ୍ରବୀଣ । କହିଲ—

ବାର୍‌ହା ଗୋଟିକୁ ଗୋଟିଏ ନଳ ଲାଗିଥିବ ମୁହଁରେ
ତା ଭିତରୁ ଶୂନ୍ୟରୁ ପାଣି ଛୁଟାଇ ଦେବ ମୁଖରେ ।
ଶୋଷ ମରିବା ଯାଏ ପିଇବେ ତାପରେ ଦେବ ଖୋଲି
ଆଶା ପୂରିବ, ବଦାନ୍ୟ ନେଇ ଆଶା କରିଛି ଭାଲି ।

ସତକୁ ସତ ସେଇଆ ହେଲା ବାର୍‌ହାଯାକ ମନ ଇଚ୍ଛା ପାଣି ପିଇ ସାରି ମନେ ମନେ ଭାବିଲେ—କେଉଁଠି ଜଣେ ମହାତ୍ମା ଆମମାନଙ୍କୁ ସେବା କରୁଛନ୍ତି ଭକ୍ତି ଆଶାରେ । ତା ନ ହେଲେ ଏ ଜୁଆଁଇ ଚଢ଼ି । ଲୁଚିଥାନ୍ତା କାହିଁକି ?

Digitized by srujan ka@gmail.com

ସବୁଠାରୁ ବୁଢ଼ା ବାର୍‌ହା ଆଉ ମୁଣ୍ଡ ଟେକି ରହି ପାରୁନ ନାହିଁ ପାଟି କରି କହିଲା—ହଏ ତୁମେ ମହାତ୍ମା ! ଆମେ ତୁମ ସେବାରେ ସନ୍ତୋଷ ହୋଇ ଯାଉଛୁଣି । ଯଦି ଆମ ପାଖରେ କିଛି କାମ ଅଛି, ତେବେ ପ୍ରକାଶ କର ।

ଏତକ ଶୁଣି ଗଛରୁ ଓହ୍ଲାଇଲା ପ୍ରବୀର । କହିଲା—ମୋତେ ଦଶ ସେର ଦୁଧ ଦିଅ । ଖୁସି ହୋଇଗଲେ ବାର୍‌ହାପାକ । ବୁଢ଼ାଠାରୁ ଅନୁମତି ପାଇ ପଚିଶଟି ଦୁଧିଆଳ ବାର୍‌ହା ଆଗେଇ ଆସିଲେ ଆଗକୁ । କୁମ୍ଭୀପଟରେ ଗୋଟାଏ ମୁଣି କରି ପ୍ରବୀର ଦଶ ସେର ଦୁଧ ଦୁହିଁ ନେଲା । କଣ୍ଟା ଭେଣ୍ଡ଼ିଟାକୁ ଉଠାଇ ଦେଇ କହିଲା—ମୁଁ ତୁମ ପାଇଁ ଏ ପୋଖରୀଟିକୁ ଛାଡ଼ି ଦେଇଗଲି । କାଲି କାଲିକୁ ଏଠି ତଗ ବୁଲ କରିବ । ଏହାର ନାମ ହେଲା ବାର୍‌ହା ପୋଖରୀ ଓ ବନସ୍ତର ନାମ ବାର୍‌ହା ବଣ । ଶୁଣିକରି ବାର୍‌ହାପାକ କଲ୍ୟାଣ କଲେ । ଦୁଧ ବୋଝ ନେଇ ଚାଲିଗଲା ପ୍ରବୀର ।

ତେଣେ କଙ୍କାଳବର୍ଣ୍ଣ ଦେହରେ କଣ୍ଠାଗତ ରହି ବୀର ବାଉଁଟୀ ଯାହା କିଛି ଭୋଗାଭୋଗ କରିବାର କଲା । ମନର ଅଭିଳାଷ ପୂର୍ଣ୍ଣ ହୋଇଗଲା ପରେ ଆଉ ମାଟି ମାଂସ ଦେହରେ ତାର ଦରକାର କ'ଣ ? 'ଫନେ ଗତ ଅଧରେ ମନୁଆକୁ ଡାକ ଦେଇ କହିଲା—ବୁଝିଲୁ ମନୁଆ ! ମୋ କାମ ସରିଲା । ମୁଁ ଯାଉଛି ମୋ ସ୍ଥାନକୁ । ଏଣିକି ମୋ କାମ ତୁ କରୁଥା ।

ଏତେବେଳକୁ ମନୁଆ କଙ୍କାଳର ଓ କଙ୍କାଳ ମନୁଆର ହୋଇ ଯାଇଛନ୍ତି । ଦୁହେଁ ଦୁହିଁଙ୍କି ଦଣ୍ଡେ ନ ଦେଖିଲେ ପାଣି ପିଅନ୍ତି ନାହିଁ । ପ୍ରବୀରକୁ ପୁରା ପୁରି ଭୁଲି ଯାଇଛି କଙ୍କାଳ । ତାର ଧାରଣା ସେ ଆଉ ଫେରିବ ନାହିଁ । ହୁଏତ ବାର୍‌ହା ଦୁଧ ଖୋଜି ଖୋଜି ଆତ୍ମହତ୍ୟା କରିବ । ନ କଲେ ବି ମୁଁ ଆଉ ତାକୁ ଆପଣାର କରିବ ନାହିଁ । ମନୁଆ ମୋର ସବୁ ।

Digitized by srujan ka@gmail.com

ସଞ୍ଜ ବୁଡ଼ ଆସୁଥାଏ । ଏମିତ ବେଳେ ଫେର୍ ଆସିଲା ପ୍ରବୀର । ସେତେବେଳକୁ ମନୁଆ ଓ କଜ୍ଜ୍ୱଳ କବାଟ କଣ୍ଠା ଦେଇ ଭିତରେ ବସିଥାନ୍ତି । ଦସ ଖୁସିର ସୁଅ ଛୁଟିଥାଏ । କଜ୍ଜ୍ୱଳ ତଳ ପଡ଼ିଥାଏ ମନୁଆ ଗୁଣ୍ଡ ଉପରେ । ମନୁଆ ତା ମୁଣ୍ଡର ଅଲଗା ବାଳ ଗୁଡ଼ିକ ସଜାଡ଼ି ଦେଇ ଭିଡ଼ି ଆଣୁଥାଏ କୋଳକୁ । ଚାଟି କବାଟଟା ଫିଟାଇ ପ୍ରବୀର ପଶିଗଲା ଘରେ । ଏପରି ଘଟଣା ଦେଖି ଦେହ ତାର ଝାଆଁ ବାଣ ପାଲଟି ଗଲା । ତଳ ଉପର ଦାନ୍ତର ନଜର ସେ ରାଗରେ କହିଲା—କରେ, ପାଜି ମନୁଆ ! ତୋତେ କଣ ମୁଁ ଘର ଜଗାଇ ଯାଇଥିଲି ଏଇଆ କରିବାକୁ ?

କଜ୍ଜ୍ୱଳ ଉଠି ଠିଆ ହୋଇଗଲା ଏବଂ ଭଙ୍ଗା ଗଳାରେ ପଚାରିଲା—ତୁମେ କଏ, କାହା ଅନୁମତି ନେଇ ଘର ଭିତରକୁ ପଶି ଆସିଲ ? ଏତେ ଅଭଦ୍ର ତୁମେ ? ମୁହଁକୁ ଟିକଏ ଲଜ୍ଜା ଆସିଲା ନାହିଁ ? ଯାଅ, ବାହାର ଯାଅ ତଞ୍ଜଳ ।

କାବା କାଠ ବନିଗଲା ପ୍ରବୀର । ଥର ଥର ଗଳାରେ କହିଲା—ତୁମେ କଣ ତୁମ ସ୍ୱାମୀ ପ୍ରବୀରକୁ ଚିହ୍ନି ପାରୁନ କଜ୍ଜ୍ୱଳ ! ଏ ପର୍ଯ୍ୟନ୍ତ ବାର ବାଜଟୀ ତୁମକୁ ଛୁଡ଼ି ନାହିଁ ?

କଜ୍ଜ୍ୱଳ କହିଲା—ମୁଁ ତୁମକୁ ମୋଟେ ଚିହ୍ନେ ନାହିଁ । ପ୍ରବୀର ବୋଲି ମୋର କେହି ନାହାନ୍ତି । ମନୁଆ ମୋର ସ୍ୱାମୀ । ତୁମେ ଚାଲି ଯାଅ ।

ପ୍ରବୀର କହିଲା—ସବୁ ଗୋଳମାଳ କରିଛୁ ଏଇ ମନୁଆ । ପ୍ରଥମେ ଏଟାକୁ ମାରି ନ ପକାଇଲେ ତୁମେ ଆୟତ୍ତକୁ ଆସିବ ନାହିଁ । ମୁଁ ଜାଣେ ଏଇ ବଦମାସ୍ ତୋ ମୁଣ୍ଡ ଭିତରେ ବାର ବାଜଟୀ ପୂରାଇଛୁ ।

ଏ କଥା ଶୁଣି ମନୁଆ ବି ରାଗିଲା । ଦୁହେଁ ହାତାହାତି ହେଲେ । ଧର ଧର ମର ମର ଗଡ଼ାପଡ଼ା ଚାଲିଲା । କଜ୍ଜ୍ୱଳ ବି

Digitized by srujan ka@gmail.com

ପାଣି କରି କମାଉ ଥାଏ । ଶବର ପଲ୍ଲୀରୁ ଲୋକମାନେ ବାହାରି ଆସିଲେ । କମ୍ପାସ୍ତ ବିଳାପ କରି କଥାଟାକୁ ଲୁଚାଇ ଦେବାକୁ ଯେତେ ଚେଷ୍ଟା କଲେ, କିନ୍ତୁ କେହି ମୋଟେ ମାନିଲେ ନାହିଁ । କହିଲା—ମଳୁଆ ମୋ ସ୍ୱାମୀ । ପ୍ରବୀର କିଏ, ମୁଁ ଜାଣେ ନାହିଁ ।

ମିଛ କଥା ଶୁଣି ଶବରମାନେ ତ ରଗିଗଲେ । ସେ ତିନି ଜଣ ଯାକଙ୍କୁ ଧରି ନେଇଗଲେ ରାଜ ଦରବାରକୁ । ବିଚାର ପଡ଼ିଲା । ମନ୍ତ୍ରୀ ଖୁବ୍ ଧ୍ୟାନର ସହିତ ସମସ୍ତଙ୍କ କଥା ଶୁଣିଲେ । ସାକ୍ଷୀ ପ୍ରମାଣ ମାଗିଲେ । ସାକ୍ଷୀ ବା ଦେବ କିଏ ? ସମସ୍ତେ ତ ଶବର । ମଳୁଆ ତାଙ୍କ ଜାତିର ଲୋକ । ସତ କଥା କହିଲେ ତା ବିରୁଦ୍ଧରେ ଯିବ ତେଣୁ କେହି କିଛି ସାକ୍ଷୀ ଦେଲେ ନାହିଁ । ହେଲେ ସବୁ କଥା ବୁଝି ପାରିଲେ ମନ୍ତ୍ରୀ । ପ୍ରବୀରକୁ ଉପଦେଶ ଛଳରେ କହିଲେ —

ବିଶ୍ୱାସ ଘାତିନୀ ନାରୀ କପଟୀର ଭୂଲେ
ଅନ୍ତର ଦେଇଣ ଯେଉଁ ପୁରୁଷଟି ଭୁଲେ ।
ତାହାଠାରୁ ଅବିବେକ ଏ ସଂସାରେ ନାହିଁ
ବେଳେ ସେ ହିଏ ଜୀବନ ସେହି ନାରୀ ପାଇଁ ।
ଅତଏବ ବିବେକର ଉଚିତ କରିବେ
କପଟୀ ଠାରୁ ଦୂରରେ ରହିବା ଜଗତେ ।

ସବୁ କଥା ବୁଝିପାରିଲା ପ୍ରବୀର । କଳ୍ପଲତାଙ୍କ ଗୁପ୍ତ ଚରିତ୍ର ମନ କଷ୍ଟରେ ପଳାଇ ଗଲା ଦୂର ଦେଶକୁ । ମନ୍ଦା ଭୋକେ ହେଲେ ଅନ୍ନ ଧରୁ ନ ଥାଏ । ଭୋକ ଶୋଷ ସବୁ ବନ୍ଦ । ଆଖିରୁ ଲୁହ ଝରୁଥାଏ । ଖରାରେ ମୁଣ୍ଡରୁ ଝାଳ ଉଠୁଛି । କ'ଣ କରିବ କୁଆଡ଼େ ଯିବ କି ପ୍ରାଣ ହରାଇ ଦେବ, କିଛି ଠିକ୍ କରି ପାରୁ ନାହିଁ । ବେଶି ଖରା ହେବାରୁ ଶୋଷରେ ଅସ୍ଥିର ହୋଇ, ଗଲା ଗୋଟିଏ ପୋଖରୀ କୂଳକୁ । ବଣ ଭିତରେ ପୋଖରୀ । ଚାରିପାଖ ଘାଟ ବାନ୍ଧା ହୋଇଛି । ଖଣ୍ଡିଏ ଶଙ୍ଖ ମଲମଲ ପଥରରେ

Digitized by srujan ka@gmail.com

ଲେଖା ହୋଇଛି ଗୋଟିଏ ସୁନ୍ଦରୀ ଝିଅର ରଙ୍ଗ ତଥା ପ୍ରତିମୂର୍ତ୍ତି । ପ୍ରାରି ତାକୁ ଦଣ୍ଡକ ପାଏ ଅନାଇ ରହିଲା । ତା' ପରେ ପୋଖରୀ ଭିତରକୁ ଗଡ଼ିଲା ପାଣି ପିଇବାକୁ । ପ୍ରଥମେ 'ଚଳକ ପିଇ ଧାରି ଦ୍ୱିତୀୟ ଚଳକ ଉଠାଇଲା ବେଳକୁ ଗୋଡ଼ଧରି ଟାଣି ନେଲା କିଏ ପାଣି ଭିତରକୁ । ପ୍ରାରି ହବଳ କୁମ୍ଭୀର ନେଲା । ଚେଇଁ ଚିତ୍କାର ଛାଡ଼ିଲା । ଶୁଣୁଛି ବା କିଏ ? ଦେଖୁ ଦେଖୁ ବୁଡ଼ିଗଲା ଅଗାଧ ପାଣି ଭିତରେ ।

ଶୁଣିଲୁ ତ ସାରୀ ! ଏଇ ହେଲା ନାରୀମାନଙ୍କ ଚରିତ୍ର । ଠିକ୍ ସୁତରେ ପକାଇ ପୁରୁଷମାନଙ୍କୁ ହତ୍ୟା କରିବେ । ସେମାନଙ୍କୁ ବିଶ୍ୱାସ କଲେ ମଣିଷର ଅବସ୍ଥା ଠିକ୍ ରହିବ ନାହିଁ ।

ସାରୀ କହିଲା—ଆରେ ଯା'ରେ ଅଳପୂକ ! କେତେ ବାହାଦୁରୀ ଦେଖାଇ ହେଉଛୁ ? ମାଇପେ ଢଗ ମେଲାଣ୍ଡ କଣ ଶୁଣିନାହୁଁ ।

କଣ୍ଟା ଫିଟିକରେ କଣ୍ଟା ଫିଟିକ
ଏବେ ଶୁଣ ଚୋର ତଳ ଛୁରିକ ।
ଦହଡ଼ ନ ଦେଇ ଦୁବ ଗଛରେ
ଉଦକ ଧରିଛୁ କିଆଁ ମିଛରେ ରେ
ପୁରୁଷ ଜଣ ବିଶ୍ୱାସୀ
କହୁଥିଲେ କଥା ସବୁ ଠିକ ନାହିଁ
ଆଠକାଳ ବାରମାସୀ ।

ଶୁଆ କହିଲା—

ନାରୀ ନୁହେଁ ସାରୀ ଅଟେ ବିଷ ଭାଇ
ଅମୃତ ଯାକ ତା ଉପରେ ମାଇ ।
ଏକକୁ ବସାଇ ଆନକୁ ମାରେ
ଆନେ ରସି ପୁଣି ଆନକୁ ଢାରେ ।

Digitized by srujan ka@gmail.com

ଶତ ପୁରୁଷରେ ନ ପାଏ ଶାନ୍ତ
ଯେତ୍ତେ ନାହିଁ କେବେ ଅନାଥ ଜାତ ।
ଯାଲୁ ରସେ ମନ ତା ସଙ୍ଗେ ଯାଏ
ଜଳ ପଡ ମୁଣ୍ଡ ଘରେ ବୁଲାଏ ।
ସେଇ ନାଏକଙ୍କର ପ୍ରଶଂସା କହୁ
ଏଥିପାଇଁ ସାଗ ନାମ ତୁ ବହୁ ?
ଛି ଛି ରେ ମୁହଁ କୁ ଛି ଛି
ଦୋଷ୍ଟ ଖଟପି କୁଳଟା କଳଙ୍କି
ନାମ ସଦା ସେ ବହୁଛି ।

ସାଗ କହିଲା—ଜଳ କର ନାଁ । କଥା ଶୁଣ୍ ମୁଁ ବି ଚତୁ। ଉତ୍ତର ନ କର ଗୁଡ଼ ନାହିଁ । କାହାଣୀ ତ ? ତୁ କହୁଥିଲେ ମୁଁ କହୁଥିବ । ମୁଁ କହୁଥିଲେ ତୁ କହୁଥିବୁ ।

ଶୁଆ କହିଲା—ଭଲ ହେଲା ! କହ ।

ସାଗ ଆରମ୍ଭ କଲା—

କାହାଣୀ ମାହାଣୀ ସାହାଣୀ ତବ
ସେହ୍ମଣୀ ଧୋଇଛି ହେଁସ କରବ ।
କାଳୀ କୋଚଗୀର ଗାଲରେ ଛଇ
ଛଅଆଣ ପିଇଛି ଡୁଙ୍କାରୁ ମଦ୍ୟ ସେ
ହେଙ୍ଗୁଲା ମାରୁଛି ନାଚ
ଜଣେ ବସି କହସି ବଲେଇ
ଦେଖାଇ ଦେଉଛି ଦାନ୍ତ ।
ବଣ ବଡେ ଢ଼ଙ୍କି ତୁ କେଉଁ ଠାଣ
ଛଣ୍ଟାର କାଲ ମୁଁ ଦେଉଛି ଶାଣ ।
କୁମ୍ଭୀର ମଗର ଖାଇବ ମାଛ
ଇଗଲ ବହପ ଦେଇଣ ସାଗ ସେ

Digitized by srujan ka@gmail.com

ଶୁଆ ଶାରୀ କାହାଣୀ

ହଂସୁଲୀ ହେଲଣି କାଣୀ
ସନ୍ଧ୍ୟାବାଳୀ ଆସି      କାନରେ ଶୁଣୁଛି
ଅନନ୍ତା ବ୍ରହ୍ମ କାହାଣୀ

---

# ଅନନ୍ତା ବ୍ରାହ୍ମଣ କାହାଣୀ

ଉତ୍ତରକୁ ଖୋଜି ଖୋଜି ବୁଲୁଛି ସନ୍ଧ୍ୟାବାଳୀ । ମନ ତାର କେତେବେଳେ ଠିକ୍ ଅଛି ତ କେତେବେଳେ ନାହିଁ । ଯା ବୋଲି ସେ କାହାଣୀ ହୋଇ ଯାଉନି । କେବଳ ପରୀକ୍ଷା କରୁଛି ପୁରୁଷ କଥାରେ ସତ୍ୟତା ଅଛି କି ନାହିଁ ।

ଚନ୍ଦ୍ର ମହଲର ମନ୍ତିଷ ସେ । କାହାକୁ ଭୟ କରିବା ତା ଜାତକରେ ନାହିଁ । ତେଣୁ ମନ ଇଚ୍ଛା ଯୁଆଡ଼େ ସିଆଡ଼େ ମାଡ଼ି ଯାଉଥାଏ । ବାଘ, ଭାଲୁ ସଣ ସଣ ହେଉଥିବା ଜଙ୍ଗଲରେ ଯୋଉ ଝରଣା ବହୁଥାଏ, ସେଇଠିକି ଯାଇ ପାଣି ପିଏ । ବାଘ, ଭାଲୁ ତାକୁ ଆଉ ଆଖିରେ ଅନାନ୍ତି ନାହିଁ । କାରଣ, ଦେହରୁ ତାର ବାହାରୁ ଥାଏ ଦେବତାର ବାସ । ତେଣୁ ଭୟ କରୁଥାନ୍ତି ସେମାନେ ।

ସେ ଦିନ ଉଦୁଉଦୁଆ ଖରବେଳେ ଝାଳ ଗମ ଗମ ହୋଇ ସେ ପହଞ୍ଚିଲା ଗୋଟାଏ ପାହାଡ଼ ତଳେ । ଦେଖିଲା ଖଣ୍ଡିଏ ଗହଳିଆ ତୋଟା । ସେଇ ତୋଟାରେ ଅଛି ଗୋଟାଏ ବହୁ କାଳର ସାହାଡ଼ା ଗଛ । ସେଥିରେ ପାଞ୍ଚ ବର୍ଷାରୁ ବେଶି ହେବ ସିନ୍ଦୂର ଶୁଖି ଭରି ଲାଗିଛି । ଦେଖିଲେ ଠାକୁରାଣୀ ବୋଲି ଭାବିବାକୁ ପଡ଼େ । ସେଇ ଗଛ ମୂଳେ ପଦ୍ମାସନ ପକାଇ ବସିଛି ଜଣେ ସାଧକ । ମୁହଁ ସାରା ତାର ଦାଢ଼ୀ ନିଶ । ମୁଣ୍ଡରେ ଜଟ ଗୁଡ଼ିଆ ହୋଇଛି ପଲମ ପରି । ଆଖି ବୁଜି କ'ଣ ଗୋଟାଏ ଜପ କରୁଥାଏ ସେ । ଏଭଳି ଧ୍ୟାନମଗ୍ନ

Digitized by srujan ka@gmail.com

ଥାଏ ଯେ, କାହାର ଦୁନିଆରେ କ'ଣ ହେଉଛି କ'ଣ ନାହିଁ କହୁ ଜାଣିବା କଷ୍ଟ ।

ଠାକୁରାଣୀ ଗଛତଳେ ବନ୍ଧା ହୋଇଥାଏ ଗୋଟିଏ ସୁନ୍ଦରୀ ଯୁବତୀ । ଦେହରେ ଯୌବନ ଢଳ ଢଳ ହେଉଥାଏ । ମହୁଆ ନିଶା ଆଖି କୋଣରୁ କମି ନ ଥାଏ ଅଳପ ହେଲେ । ତଥାପି ମନରେ ଅସରନ୍ତ ଦୁଃଖ । ଆଖିରେ ଅକଳନ୍ତ ଅଶ୍ରୁଧାର । ତୈଳ ଅଭାବରେ ମୁଣ୍ଡବାଳ କେବଳ ଫୁରୁ ଫୁରୁ ହୋଇ ଉଡ଼ୁଥାଏ । ପିନ୍ଧା ଲୁଗାଟି ଝୋଚଟ ମଇଳା । ସେଥିରେ ପୁଣି ଠାଆକୁ ଠାଆ ସିଲେଇ ହୋଇଛି । ତଥାପି ତା ରୂପ ଖଣ୍ଡିକ ଝଟକ ଉଠୁଥାଏ ପୂର୍ଣ୍ଣଚନ୍ଦ୍ର ପରି । କଥାରେ ଅଛି—

ମାଟି କୁଢ଼େ ପଡ଼ି          କାଞ୍ଚନ କଦାପି
ଦ୍ୟୁତି ତିଳେ ନ ହରାଏ
ଅନ୍ଧକାର ଗୃହେ          ହୀରକ ଯେପରି
ନିଜ ତେଜ ପ୍ରକାଶାଏ ।
ସେହିପରି ମଣି          ବାଦଲର ଫାଙ୍କେ
ଝଲୁଚାଏ ନିଜ ତେଜ
ତପନର ଦ୍ୟୁତି          ଲୁଚିବକି ଘନ
ଗହଳେ କଦାପି ହେଜ ।

ସୁନ୍ଦରୀ ତରୁଣୀଟି ଯେତେ ଅନାଦର ଓ ଅବହେଳିତ ଅବସ୍ଥାରେ ଥିଲେବି ସୌନ୍ଦର୍ଯ୍ୟ ତାର ଝଲସି ଉଠୁଥାଏ ଶରଚ୍ଚନ୍ଦ୍ରକୁ ଉପହାସ କରି । ସନ୍ଧ୍ୟାବାଳୀ ତାକୁ ଦେଖି ଦୁଃଖରେ କାନ୍ଦି ପକାଇଲା । ତା' ପରେ ଗଲା ତା ପାଖକୁ । ଉଁ, କ ଚୁଁ ପଦେ ହେଲେ ପାଟି ତୁଣ୍ଡ ନ ଫିଟାଇ ବନ୍ଧନ ଡଉଡ଼ି ଗୁଡ଼ିକ ଫିଟାଇ ଦେଲା ତାର ।

ଏଭଳି ଜବରଦସ୍ତିଆ କାମ ଦେଖି କଣୋଗଟି କହିଲା—ଆହା, ତୁମେ ଏଠିକି ଆସି ଏଭଳି କାମ କଲ କାହିଁକି ? ମରଣକୁ କ'ଣ ଡରନାହିଁ ତୁମର ? ସନ୍ଧ୍ୟାବାଳୀ କହିଲା—ମରଣ କ'ଣ ?

Digitized by srujan ka@gmail.com

କଣୋଶ ଜଣକ କହିଲା—ଏ ଯୋଗୀ ବାବାଜୀଙ୍କ ଧ୍ୟାନରେ ବସିଛୁ, ଏ କିଛୁ କମ୍ ଲୋକ ନୁହନ୍ତି । ଗୋଟିଏ ଅସୁର କହିଲେ ଚଳେ । ଚଞ୍ଚଳ ଯାଦୁକର ମଧ୍ୟ । ମୋତେ ଆଣିଛି ତା ଯଜ୍ଞ କୁଣ୍ଡରେ ଆହୁତି ଦେବାକୁ । ତୁମେ ମୋତେ ସାହାଯ୍ୟ କରିବା କଥା ସେ ଜାଣି ପାରିଲେ ଆଉ ରକ୍ଷା ନାହିଁ । ମୁଁ ମରିବି, ତୁମେ ବି ମରିବ । ଜାଣି ଜାଣି ମୋ ପାଇଁ ତୁମେ ମୃତ୍ୟୁ ବରଣ କରିବ କାହିଁକି ? ଯେପରି ବନ୍ଧା ହୋଇଥିଲି, ମୋତେ ସେମିତି ବାନ୍ଧି ଦେଇ ତୁମେ ପଳାଇ ଯାଅ ।

ସନ୍ଧ୍ୟାବାଳୀ କହିଲା—ଆଲେ ଭଉଣୀ ମୋ ବଞ୍ଚିବା ମରିବା କଥା ମୁଁ ଜାଣେ । ତୋ ମୁଣ୍ଡ ବଥାଇ ହଉଛି କାହିଁକି ? ମୁକ୍ତ ତ ପାଇଲୁ । ଭୟ ଲାଗୁଛି ଯେବେ ପ୍ରାଣ ଘେନି ପଳାଇ ଯା । ତୋ ପାଇଁ ମୁଁ ବନ୍ଦୀ ହୋଇ ରହୁଛି । ଦୁଷ୍ଟ ସାଧକ ମୋତେ ଯଜ୍ଞ କୁଣ୍ଡରେ ପୋଡ଼ି ନାଗମେଧ ଯଜ୍ଞ କରିବ ।

ଦୁହେଁ ଏମିତି କଥା ବାର୍ତ୍ତା ହେଉଥିବା ବେଳେ ସାଧକ ଆଖି ଫିଟାଇ ଅନାଇ ଦେଲା । ସନ୍ଧ୍ୟା ଉପରେ ଦୃଷ୍ଟି ପଡ଼ିବା ମାତ୍ରେ ରାଗ ଓ ଅପମାନରେ ଜଳି ଉଠିଲା ଯେମିତି । କହିଲା—ରହ ଲୋ, ସବୁ ଫାଜିଲମି ଯାକ ଛଡ଼ାଇ ଦେଉ ଯେ ।

ତା କଥା ପ୍ରତି କାନ ଦେଲା ନାହିଁ ସନ୍ଧ୍ୟା । କେବଳ ହସି ଉଠିଲା ଖିଲ ଖିଲ ହୋଇ । ଏ କଥା ଦେଖି ସନ୍ନ୍ୟାସୀ ଆହୁରି ରାଗିଲେ ଏବଂ ହାତ ଉପରକୁ ଟେକି କହିଲା—

ଯାଦୁ ମନ୍ତ୍ରର ଭେଳିକି ବାଣ
ବାନ୍ଧି ଏ ଟୋକୀକୁ ପାଖକୁ ଆଣ ।

ଶୂନ୍ୟରୁ ଛୁଟି ଆସିଲା ବାରହାତ ଲମ୍ବର ଗୋଟାଏ ଦଉଡ଼ି । ଗଳାରେ ଫାଶ ଲାଗିଲା ପରି ପଡ଼ିଲା ଯାଇ ସନ୍ଧ୍ୟା ବେକରେ । ସନ୍ଧ୍ୟା ପୁଣି ବି ହସିଲା । ସତେ ଯେପରି ଏଥର ତା ଖିଲ ଖିଲ ହସ

Digitized by srujan ka@gmail.com

ଆଉ ବଡ ହେବ ନାହିଁ । ସାଧକ ଭାବନ ବଳୁରଣୀ ନଜର ଅସହାୟ ଅବସ୍ଥା ଜାଣି ପାରି ବୋଧହୁଏ ମା ଉତ୍କର୍ଣ୍ଣୀ ହୋଇଗଲା । ହେଲେ ବ ଗୁଡ଼ିବାର ନୁହେଁ । ଦୁର୍ବଳଙ୍କୁ ପକ୍ଷ ନିଆଁ ଦେଇ ପୋଡ଼ିବ ।

ତେଣେ ସନ୍ଧ୍ୟାବାଳୀ ଦଉଡ଼ିଟାକୁ ହାତରେ ଧରି କହିଲା—

ଉଲଟା ଯାଦୁ ମିଛୁରେ ଉଡ଼
ସାଧକ ଗଳାରେ ଲାଗ ଦଉଡ଼ି ।

ସତକୁ ସତ ଦଉଡ଼ି ସନ୍ଧ୍ୟାବାଳୀ ଗଳାରୁ ଖସି ଲାଗିଲା ଯାଇ ସାଧକ ଗଳାରେ । ଧୀରେ ଚିପି ଦେଇ ଆସୁଥାଏ । ଘଟଣା ଦେଖି କାବା କାଠ ବନିଗଲା ସାଧକ । କହିଲା—

ଛୁଣ୍ଡି ଯା ରସି ଫିଟିଯା ଫାଶ
ଗର୍ବ ଦମ୍ଭ ତୋର ହେଉରେ ନାଶ ।

କଥା ଶୁଣି ହସିଲା ସନ୍ଧ୍ୟା । କହିଲା—

ଦେବତାଙ୍କୁ ଯଦି ମାନୁ ଦଉଡ଼ି
ସାଧକକୁ ନେଇ ଯିବୁ ତୁ ଉଡ଼ି ।
ଚନ୍ଦ୍ରମଣ୍ଡଳର ନିଆଁ ସ୍ରୋତରେ
ଜଳାଇ ମାରିବୁ ଏକ ଘଡ଼ିରେ ଯେ
ରଖିବ ସନ୍ଧ୍ୟାର କଥା
ନ ମାନିଲେ ଏହା ଖାଇବୁ କାଳକୁ
ଜାଣ ତୋ କାହାର ମଥା ।

ମୁହଁ କଥା ମୁହଁରେ ଅଛି । ଚଲ୍ ଗୋଡ଼ରେ ଧରି ସାପକୁ ଯେମ ଉପରକୁ ଉଡ଼ିଲା ପରି ଉଡ଼ିଗଲା ଦଉଡ଼ି ଶୂନ୍ୟକୁ, ଶୂନ୍ୟ ବହୁତ ଉପରକୁ । ସାଧକ ଗଳା ଚିପି ଦେଇ ଆସୁଥାଏ । ଛଳକରେ ଛଟପଟ ହେଲେ କଏ ବା ଶୁଣୁଛି । ଦଉଡ଼ି ଏକା ନହସକେ ନେଇଗଲା ଚନ୍ଦ୍ର ମଣ୍ଡଳର ଅଗ୍ନିମୁଖା ପର୍ବତକୁ । ସେଥିରେ ପଡ଼ି ସାଧକ ବଞ୍ଚିବ ମୁଠାଏ ପାଉଁଶ ବନିଗଲା ।

Digitized by srujan ka@gmail.com

ସନ୍ଧ୍ୟାବାଳୀର କାର୍ଯ୍ୟ କଳାପ ଦେଖି କଣେଶ୍ୱଟି ଠିଆ ହୋଇଥାଏ ତାହା ଭାଠ ହୋଇ । ମୁହଁରେ ତାର କଥା ବି ନ ଥାଏ । କିଛି ଅବା ପଚାରିବ ଆଶାନ୍ତା, କିନ୍ତୁ ତା' ପୂର୍ବରୁ ସନ୍ଧ୍ୟା ତାକୁ ପଚାରି ଦେଲା । ଆଲୋ ଭଉଣୀ ! ମନରେ କିଛି ଭୟ ନ କରି ତୋ ନିଜ କଥା କିଛି କହି ପାରିବୁ କି ମୋତେ ?

କଣେଶ୍ୱଟି ଲୁହ ଛଳ ଛଳ ଆଖିରେ କହିଲା—ମୋ କଥା କହିଲେ ଗୋଟିଏ କାହାଣୀ ହେବ ଦେଈ । ସୁଖ କହିବି ନାଁ ଦୁଃଖ କହିବି ?

ସନ୍ଧ୍ୟା କହିଲା—ଯାହା ଅଙ୍ଗେ ନିଭେଇଛୁ ସେଇ କଥା କହ ।

ଆରମ୍ଭ କଲା କଣେଶ୍ୱ । ମୁଁ ଥିଲି ରୂପ ନଗର ରଜାଙ୍କ ସାନଝିଅ । ମୋ ନାଁ ଥିଲା ଲବଙ୍ଗଲତା । ଭୂତ ପ୍ରେତଙ୍କ ଗପ ଓ ଗୁଣୀ ଗାରେଡ଼ି କଥା ଶୁଣିବାକୁ ଭାରି ଭଲ ପାଉଥିଲି । ତେଣୁ ନିତି ଘୁଣ୍ଡ ଆମ୍ଭେ ବନସ୍ତରେ ବୁଲିବାକୁ । ସାଙ୍ଗରେ ସଖୀମାନେ ଆସିବାକୁ ବାହାରିଲେ ସେମାନଙ୍କୁ ମନା କରିଦିଏ । ପିଲାଦିନୁ ମୋର ଅଭ୍ୟାସ ଥିଲା ଘୋଡ଼ା ଚଢ଼ିବା । ତେଣୁ ବାପା ଭଲ ଘୋଡ଼ାଟିଏ ଦେଇଥିଲେ । ସେଇ ଘୋଡ଼ାଟି ମୋର ଘଣ୍ଟ, ଆନନ୍ଦର ସାଥୀ । ତାର ଉପରେ ଚଢ଼ି ମୁଁ ବନସ୍ତରେ ବୁଲେ । ମନ ହୁଏ ଭୂତଙ୍କ ସୈତାନ ଗୋଷ୍ଠାଏ ବାହାରନ୍ତା କି ଦେଖନ୍ତି । ମାତ୍ର କେବେ କେବେ ହେଲେ ମୋର ମନସାଧ ମେଣ୍ଟ ନାହିଁ ।

ଦିନକର କଥା । ମୁଁ ବନସ୍ତରେ ବୁଲାବୁଲି ସାରି ଠିକ୍ ସଞ୍ଜ ବେଳେ ଘରକୁ ଫେରୁଛି । ଏମିତି ବେଳେ ଗୋଟିଏ ଗଛ ଆଡ଼ରେ କିଏ କହିଲା—ସ୍ୱାକୁ ବି ଖାଇବି, ଭୀକୁ ବି ଖାଇବି, ତାକୁ ବି ଖାଇବି ।

ଏ କଥାର ବି ଗୋଷ୍ଠାଏ ଇତିହାସ ଅଛି ।

Digitized by srujan ka@gmail.com

ପଚାରିଲା—ଇତିହାସଟା କ'ଣ ?

କହିଲା—ଗୋଟିଏ ଗାଁରେ ଜଣେ ବ୍ରାହ୍ମଣର ଘର । ବାପ, ମା ଓ ପୁଅ, ମୋଟେ ତିନୋଟି ପ୍ରାଣୀ କୁଟୁମ୍ବ ! ଖୁବ୍ ଗରିବ ହେଲେ ବି ଦୁଃଖେ ସୁଖେ ଚଳି ଯାଉଥିଲେ । ହଠାତେ ବାପଟି ମରିଗଲା । ବାକି ରହିଲେ ମା' ଓ ପୁଅ । ପୁଅ ନାଁ ଅନନ୍ତା । ମା' ତାକୁ ଭଲ ପାଉଥିବାରୁ ଅଳିଅଳ ହୋଇ ସେ ଲଫଙ୍ଗା ବନିଯାଏ । କଥା କହିଲେ ମାନେ ନାହିଁ । ଖାଲି,ହସ, ଖେଳ, କୌତୁକ, ଗୀତ ବାଜଣାରେ ମାତେ । ଦିନେ ତା ମା' ତାକୁ ତିନୋଟି ଚକୁଳି ପିଠା କରି ଦେଇଥିଲା ଖାଇବାକୁ । ତାକୁ ନେଇ ସେ ବଣକୁ ଗଲା । ଗୋଟିଏ ଓସ୍ତ ଗଛ । ତିନୋଟି ବୋଲି ଡାଳ । ସେଇ ଗଛରେ ଚଢ଼ି ଡାଳରେ ଗୋଟିଏ ଲେଖା ଚକୁଳି ଥୋଇ କହୁଥିଲା—ଯାକୁ ବି ଖାଇବି, ତାକୁ ବି ଖାଇବି, ତାକୁ ବି ଖାଇବି ।

ଯୋଗକୁ ସେ ଗଛର ତିନି ଡାଳରେ ବସାବାନ୍ଧି ରହିଥିଲେ ଗୋଟିଏ ଭୂତ, ଗୋଟିଏ ସୈତାନ, ଆଉ ଗୋଟିଏ ମାଦେଳ । ଅନନ୍ତା ଖାଇବା କଥା ଶୁଣି ଭାବିଲେ—ବୋଧେ ବ୍ରହ୍ମରାକ୍ଷସ ଏଠିକି ଆସିଛି । ଆମକୁ ଧରି କଞ୍ଚା ଖାଇଦେବ । ତେଣୁ ସେମାନେ ତାକୁ ଦେଖା ଦେଲେ ଏବଂ କହିଲେ—ହେ ବାବୁ ! ତୁମେ ଆମକୁ ଦୟା କରି ଖାଅନା, ବହୁତ ସୁନା ଓ ମଣି, ମୁକ୍ତା ଦେବୁ । ଅନନ୍ତା କହିଲା ଦିଅ ।

ସେମାନେ ତ ପ୍ରାଣ ଭୟରେ ଅସ୍ଥିର ହୋଇଥାନ୍ତି । ତେଣୁ କରିବେ, କ'ଣ ? ଯାହା ଯୋଗାଡ଼ି ରଖିଥିଲେ ସବୁ ଆଣି ତାର ପାଖରେ ଅଜାଡ଼ି ଦେଲେ । ଦେଖୁ ଦେଖୁ ରାତାରାତି ସେ ବଡ଼ଲୋକ ହୋଇଗଲା । ସବୁ କଥା ଦେଖି ମୁଁ ଘରକୁ ଫେରିଲି । ମନ ରହିଲା ତାର ପାଖରେ ।

ବ୍ରାହ୍ମଣ ଘର ପୁଅ । ଦେଖିବାକୁ ସୁନ୍ଦର ଯେମିତି, ବଳିଷ୍ଠ ବି ସେମିତି । ମୋର ସ୍ୱାମୀ ହେବାକୁ ରୂପ, ରସ, ଗନ୍ଧର ଅଭାବ ନ

Digitized by srujan ka@gmail.com

ଥିଲା । ତା ପରେ ଘଟିଲା—ତାଙ୍କଠା ଆଉ ଅନ୍ୟକୁ ବଡ଼ ଦେଖ ନାହିଁ । ମାମୁ ବାପ ମା ପୁଣି ବଳ ତାଙ୍କେ କଥାଟାକୁ ମାନନ୍ତ ଭଣତେତେ, ଏଥିପାଇଁ ଟୋଟିଏ ଦୁର୍ଘଟଣା ନପୁକ୍ତ ଭଲ । ଅନନ୍ତ ସେତେବେଳେ ଗେ ହିଁଏ ଲଜ୍ଜାପଣ ଚଳୁଥାନ୍ତି । ଯାନ, ବାହାନ, ସ୍ଵର, ବାଜରର ଉଦ୍ଧବ ନ ଥାଏ ତାଙ୍କର । ଦୂଷଣା ଜାତରେ ଗଜକୁଣୀ । ଦ୍ରୁପ୍ୟ ଦନ୍ତ ନେଇ ତାଙ୍କ ଘରକୁ ଯାଏ । ତାଙ୍କ ହାତରେ ଦ୍ରୁବ୍ୟ ଶତ ଟଙ୍କ ଧଅଦେଇ ଦେଲ୍ । ଟରେ ଟୋଟନରେ ମିଳନ ଭ ଦେଲ୍ । ଏ କଥାର ଟେଲୁ ମଧ୍ୟ କେହ୍ବ ଜାଣି ପାରିଲେ ନାହିଁ । କ୍ରମେ କ୍ରମେ ଦୂର୍ଦେ ଦୁହିଁଙ୍କୁ ଏତେ ଭଲ ପାଇ ବସିଲୁ ଯେ ଦନଟାଏ ମଧ୍ୟରୁ ମିଳନ ନ ହେଲେ ଯୁଗ ଦଣ ଲଟିଲ ।

ଅନନ୍ତ ନଜ ଟଙ୍କା ଖର୍ଚ୍ଚରେ ଗୋଟିଏ ବଳାଣ ନକସ୍ସୁ ତୋଳାଲେ ଘୋର ଜଙ୍ଗଲ ମଧ୍ୟରେ ଥିବା ଉଚ୍ଚ ପର୍ବତ ଶିଖରରେ । ସେଇ ହେଲା ଆମ ମିଳନର କେନ୍ଦ୍ର । ପ୍ରକୃତନ ନିର୍ଜନ ସ୍ଥାନରେ ଆମର ସେଇଠି ମିଳା ମିଶା ହେଲା । ମନ ପୁରାଇ ଦୂରେ ଦୁହିଁଙ୍କୁ ଉପଭୋଗ କଲୁ । ତା ପରେ ମୁଁ ହେଲି ଗର୍ଭବତୀ । କଥାଟା ଆଉ ଲୁଚି ପାରିଲ ନାହିଁ । କ୍ରମେ କଥାଟା ଏ କାନ ସେ କାନ ହୋଇ ଗଲା ବାପାଙ୍କ କାନକୁ । ସେ ଦଣ୍ଡ ଦେଲେ । ସତ କଥା କହିବାକୁ ବାଧ୍ୟ କଲେ । ମୋର ବା ଆଉ ଗୁଣ କ’ଣ ? ଭୟରେ ସବୁ କଥା ମାନିଲେ ।

ବାପା ଆଦ୍ଯନ୍ତ ଜଟିଳ କର ବସିଥାନ୍ତେ । ମାତ୍ର ବୁଢ଼ା ମନ୍ତ୍ରୀ ଅନେକ ବୁଝାଇ ସୁଝାଇ କହିବାରୁ ଅନନ୍ତ ସଙ୍ଗେ ମୋତେ ବାହା କରାଇ ଦେଇ ଆଦେଶ ଦେଲେ—ଗଲା ମଲା ସଙ୍ଗେ ତା କଥା ସମାନ ହେଲା । ତୁ ଆଉ ସ୍ଵପ୍ନରେ ସୁଦ୍ଧା ମୋତେ ମୁହଁ ଦେଖାଇବୁ ନାହିଁ କି ମୋ ଦରଜା ମାଡ଼ିବୁ ନାହିଁ । ସତକୁ ସତ ମୁଁ ତାଙ୍କ କଥା ମାନିନେଇ ଚଉଦନ ପାଇଁ ।

ଗଲ ଅନନ୍ତଙ୍କ ଘରକୁ । ଆମ ରୁଚମଲ ଏକ ଗୁଜ୍ଜର ଗଣେ ଜଣେ ସୁନେଇ ଦୋ'ଛ ଅଟିଲ । ଆମେ ଝାଲ ରଙ୍ଗିନ୍ ସ୍ୱପ୍ନ ଦେଖିବାରେ ବ୍ୟସ୍ତ ରହିଲୁ । ପୁଅଟିଏ ଜନ୍ମ ହୋଇ ଏକୋଇଶା ଆଗରୁ ଗଲ ଯମ ଘରକୁ । ଶାଶୁ ବି ବୁଲିଗଲେ । ଆମେ ଦୁହେଁ ଛନ୍ଦରୁ ଖାଲି ବଡ଼ଲୋକରେ ହଡ଼ିଗଲୁ । ଅନନ୍ତ ମଦ ପିଇଲେ, ଜୁଆ ଖେଳିଲେ । ଦିନକୁ ଦିନ ଧନ ଭଣ୍ଡାର ଲାଗିଲା ଖାଲି ହେବାକୁ । ମୁଁ ଯେତେ ବାରଣ କଲେ ବି ସେ ମୋ କଥା ଶୁଣିଲେ ନାହିଁ । ଖର୍ଚ୍ଚ କମ୍ କରିବାକୁ ଯେତେ ଶିଖାଇଲେ ବି ଶିଖିଲେ ନାହିଁ । ବେଳେ ବେଳେ ବୃଥା କଥା ନେଇ ମୋ ସଙ୍ଗେ ଝଗଡ଼ା ଲଗାଇଲେ । ସେତେବେଳକୁ ସେ ପଡ଼ି ଯାଇଥିଲେ ଗୋଟିଏ ବେଶ୍ୟା ଫାନ୍ଦରେ । ମୋ ପ୍ରତି ତାଙ୍କ ମନର ଆକର୍ଷଣ କୋହଳ ହୋଇ ଆସିଥିଲା । ମାତ୍ର ସେ କଥା ମୁଁ ମୋଟେ ବିଶ୍ୱାସ କରୁ ନ ଥିଲି ।

ଦେଖୁ ଦେଖୁ ନଷ୍ଟ ହୁଏ ପଡ଼ି ଧନ ସାକ ଗୁଲିଗଲା ବେଶ୍ୟା ଘର ମଦ ଖଟି ଓ ଜୁଆ ଖେଳ ଆଡ୍ଡାରେ । ମାସକରେ ଦିନଟିଏ ବି ସେ ଘରକୁ ଆସିବା ପାଇଁ ମନ କଲେ ନାହିଁ । ଘଟଣା ଦେଖି ପ୍ରାଣଟା ମୋର ହାହାକାର କରି ଉଠିଲା । ତଥାପି ଧୈର୍ଯ୍ୟହରା ହୋଇ ନ ଥାଏ ।

ଯେଉଁଦିନ ସେ ଘରକୁ ଆସନ୍ତି ଟଙ୍କା ପାଇଁ, ମୋ ଦେହରୁ ଖଣ୍ଡିଏ ଅଳଙ୍କାର ନେଇ ଯାଆନ୍ତି ବନ୍ଧା ପାଇଁ । ଏମିତି ଏମିତି ଅଳଙ୍କାର ସବୁ ବି ସରିଗଲା । ତାଙ୍କୁ ଧରିଲା କ୍ଷୟ ରୋଗ । ଚିକିତ୍ସା କରିବାକୁ ପଇସା ନାହିଁ । ଭଲ ହେବେ କେମିତି ? ଖଟି ଖଟି ମୁଁ ଯାଇ ବୁକସ୍କ କଲି ଗୋଟିଏ ହୋଟେଲରେ । ମାଲିକଟି ବେଶ ଭଦ୍ର ଲୋକ । ମାସକୁ ମ.ସ. ଦରମାଟକ ଛୁଣ୍ଟାଇ ଦିଏ । ସେଇ ଟଙ୍କାରେ ଔଷଧ ପାଣି ଆଣି ତାଙ୍କୁ ଭଲ କଲି । କହିଲି ଖଣ୍ଡିଏ ବୁକସ୍କ ବାକ୍ସ ଦେଖା ଭଲରେ ଚଳିବା । ସେ କଥାକୁ ସେ ପସନ୍ଦ କଲେ ନ ନ

Digitized by srujan ka@gmail.com

ତଲେ ତନ୍ତ୍ର ପାଇବ ନାହିଁ ମୋତେ କେବଳ ପ୍ରବର୍ତ୍ତାଇଲେ କାଶୀ ଯିବାକୁ ।

କାଶୀ କ୍ଷେତ୍ରକୁ ଗଲୁ । ରହିଲୁ ଗୋଟିଏ ଭଡ଼ା ଘରେ । ତାଙ୍କ ମନ କଥା ମନରେ ଥାଏ । ମୋତେ ପୂର୍ବପୁର ଅଜଣା । ହଠାତ୍ ସେଇ ସାଧକ ବାବାଙ୍କ ସଙ୍ଗେ ଦେଖା ହେଲେ । ଅନନ୍ତ କହିଲେ ମୋର ଗୁରୁ ଆସିଛନ୍ତି । ଘର ଗୁଣି ଗାରେଡ଼ି ଜାଣନ୍ତି ସେ । ଆମ ଦୁଃଖ ଦୁର୍ଦ୍ଦଶା ଦୂର କରିବାକୁ ଗୋଟାଏ ଯନ୍ତ୍ର କରିବେ । ତେଣୁ ଆଜ ଖାଇବେ ଓ ରହିବେ ଆମ ବସାରେ । କଥାଟା ମୋତେ ଖୁବ୍ ଭଲ ଲାଗିଲା । ମୁଁ ତାଙ୍କୁ ମାନ୍ୟ ଧର୍ମ କରିବାରେ ଆଦୌ ତ୍ରୁଟି କଲି ନାହିଁ । ରନ୍ଧା ବଢ଼ା କରି ଖାଇବାକୁ ଦେଲି । ତା ପରେ ସମସ୍ତେ ଶୋଇଲୁ । ସକାଳୁ ଉଠି ଦେଖେ ତ ଅନନ୍ତ ନାହାନ୍ତି । ଏକା ଅଛି ସେଇ ସାଧକ । ସେ ମୋତେ ଖଣ୍ଡେ ଚିଠି ଦେଖାଇଲା । ସେଥିରେ ଲେଖାଥାଏ ମୋ ପାଖକୁ । ଲବଙ୍ଗ ଜାଣିବ, ଗୁରୁଦେବଙ୍କ ଆଦେଶରେ ମୁଁ ଯାଉଛି ଗୋଟିଏ ଗୁପ୍ତଧନ ପାଇବା ପାଇଁ । ଫେରିବାକୁ ବହୁତ ବିଳମ୍ବ ହେବ । କାଶୀ ଆମର ଅଜଣା, ଅଶୁଣା ଓ ନୂତନ ଜାଗା । ଏଠି ରହି ଅସୁବିଧା ଭୋଗିବ କାହିଁକି ? ଏଇ ଆମର ଗୁରୁଦେବ ଉପଯୋଗୀ ବାବାଙ୍କ ସଙ୍ଗେ ଚାଲିଯିବ ତାଙ୍କ ଆଶ୍ରମକୁ । ସେ ଖୁବ ଭଲ ମଣିଷ । ତୁମକୁ ନିଜର ଝିଅ ଅପେକ୍ଷା ଆହୁରି ଭଲରେ ପାଳିବେ । କିଛି ଅସୁବିଧା ହେବ ନାହିଁ । ତୁମେ ମୋ ଫେରିବାକୁ ଅପେକ୍ଷା କର, ଯେଉଁଠି ଖୁବ୍ ଭଲରେ ରହିବ । ଏଥିରେ ତ୍ରୁଟି କଲେ ଆଉ ମୋର ଦେଖା ପାଇବ ନାହିଁ ।

ବଡ଼ ଅଡ଼ୁଆରେ ପଡ଼ିଲି । ସେତେବେଳେ ସ୍ୱାମୀଙ୍କର ଆଜ୍ଞା । ଅମାନ୍ୟ କରିବାକୁ ବିବେକ ବାଧା ଦେଲା । ସେଥିରେ କାଶୀ ସହର ନୂଆ ଜାଗା । ଲୋକମାନଙ୍କ ସଙ୍ଗେ ଚିହ୍ନା ପରିଚୟ ନାହିଁ । ରହିଲେ

Digitized by srujan ka@gmail.com

ଚଳନ୍ତ କପଟର ? ଏମିତ ସବୁ କଥା ଯାକ ମନରେ ବାଣ୍ଟି ସାଧକ ସଙ୍ଗରେ ଆସିଲା । ଏଠୁ ଅଳ୍ପ ଦୂର ଗଲେ ତାର ଆଶ୍ରମ ପଡ଼ବ । ଲୋକକୁଠା ଭାର ମାସମ୍ଭଙ୍କ । ମୋର ପର ବୃଗୋଷ୍ଟି କନ୍ୟାଙ୍କୁ ପଞ୍ଚ ନଆଁରେ ପକାଇ ପୋଡ଼ି ସାରଲେ ଗୋଟାଏ ବର ପାଇବ । ଏ ସବୁ କଥା ଜାଣିବାକୁ ମଧ୍ୟ ବିଳମ୍ବ ହେଲା ନାହିଁ । ତାର ଆଶ୍ରମ ପାଖକୁ ଲାଗି ଯୋଉ ବୁଢ଼ୀଟି ଦିନ ରାତ ବସି ମାଳା ଜପ କରୁଛି ସେଇ ମୋତେ ସବୁ କହି ଦେଲା । ମନକୁ ମନ ବଡ଼ତ କାନ୍ଦିଲି । ପୂର୍ବ କଥା ଗୁଡ଼ାକ ମନେ ପଡ଼ି ଭାରି ଆଘାତ ଲାଗିଲା । ତେଣୁ ଗାଧୋଇଲି ନାହିଁ କି ଖାଇଲି ନାହିଁ । ଶରୀର ପ୍ରତି ଅନାସ୍ଥା ଆସିଲା ନିଜ ରୂପ ଗଲା କାଳ କାଳ ପାଇଁ । ଆଖିରୁ ଲୁହ ବହେ କି ରକ୍ତ ବହେ ସେ କଥା କହି ପାରିବ ନାହିଁ । ହୃଦ ଭିତରୁ ଥରକୁ ଥର ଖାଲି ଗୁମୁରି ଉଠେ ଅସ୍ପଷ୍ଟ ଭାଷାରେ—

ପୁରୁଷକୁ କେବେ ପରତେ ନ ଯିବୁ
  ଦଗାଦାର ସେହି ବଂଶେ ଅସଲ
ସ୍ନେହକୁ ଆବୋର ବସି ଥାଏ ଯେବେ
  ଲାଭ କରିବାକୁ ଥାଏ ଫସଲ ।
କେବଳ ଦେଖି ଜନେ ଯୋଷଣାହାସ୍ୱକ
  ଖଣ୍ଡ କରେ ଧନ ପଇସା ନିଏ ।
ସେ ମୋର ମୁଁ ତାର ସୁଖ ଦୁଃଖ ସାଥୀ
  ସମ୍ବନ୍ଧ କଥାଟା ପଦ୍ମରେ କିଏ ?
ନିଜ ଘରଣୀକ ପରହାତେ ଧନ
  ପେଟ ପାଳେ ଯେଉଁ ପୁରୁଷ ଜାତି
ମୋ ଦେଶ ଭଉଣୀ ଚିହ୍ନି ରଖ ତାକୁ
  ସ୍ନେହ ଜଳଧାରେ ନ ଉଠ ମାତି ।

ସନ୍ଧ୍ୟାବାଳୀ କହିଲା—ହୃଦୟରୁ ଠିକ୍ କଥା ଗୁମୁରି ଉଠେ ଲବଙ୍ଗ । ଅନନ୍ତ ସୁପୁରୁଷ ନୁହେଁ । ଖୋଟିଏ ମାସମ୍ଭଙ୍କ

Digitized by srujan ka@gmail.com

ବଞ୍ଚିବ । ତୁ ତା ହାତ ଧରି ଖୁବ୍ ଭକ୍ତି କରିଛୁ । ଯାହା ହେଉ ଭଗବାନ ତୋତେ ମରଣ ନଦେଇ ପ୍ରାଣ ଦେଇଛନ୍ତି ଯେତେବେଳେ ସେତେବେଳେ ଜାଣିବାକୁ ହେବ ଯେ, ତାଙ୍କର ଆଶୀର୍ବାଦ ଅଛି ତୋ ପ୍ରତି । ତେଣୁ ବଞ୍ଚି ରହିବାକୁ ହେବ । ଏମିତି ଅନେକ କଥା-ବାର୍ତ୍ତା ହୋଇ ଦୁହେଁ ଗଲେ ସେଇ ମାଳା ଜପୁଥିବା ବୁଢ଼ୀ ଆଶ୍ରମକୁ । ସେ ଦିନଟି ସେଇଠି କଟିଗଲା । ବୁଢ଼ୀ ଖୁବ ଭଲ ମଣିଷ । ଏମାନଙ୍କୁ ସମାଦର କରି ପ୍ରସାଦ ଖୋଇଲା । ସାଧକ ବାବାଙ୍କୁ ଗୋଟିଏ ଅଘୋର ବାବା ବୋଲି ପରିଚୟ ଦେଲା । ସେ ଝିଅଁରେ ପୋଡ଼ ମହିଷ ମାଂସ ଖାଏ। ସଂଅନ୍ୟା ହେଉ କି ମନ ହେଉ ସେ କଥା ପ୍ରତି ବାରଣ ନ ଥାଏ । ଯାହା କରୁ ହେଉ ମଣିଷ ମାଂସ ଖାଇବାର କଥା ।

ଏମିତି ଏମିତି ନାନା କଥା ପ୍ରସଙ୍ଗରେ ଦିନଟି କଟିଗଲା । ସନ୍ଧ୍ୟାକାଳୀ ବାହାରିଲେ ଯିବାକୁ । ଲବଙ୍ଗ କହିଲା—ଦେଖ ! ଏ ସଂସାରକୁ ମୋର ଆଉ ବିଶ୍ୱାସ ନାହିଁ । ପୁରୁଷମାନେ ଦଗାବାଜ, ଠକ, ସୈତାନ । ସେମାନଙ୍କ ମୁହଁକୁ ଅନାଇ ମୁଁ ଆଉ ବାଟ ଚାଲି ପାରିବି ନାହିଁ । ତେଣୁ ଏଇ ମାତାଜୀଙ୍କ ଆଶ୍ରମରେ ରହି ଯୋଗ ସାଧନା କରିବି ।

ସନ୍ଧ୍ୟାକାଳୀ ଖୁବ୍ ଖୁସି ହୋଇ ଚାଲିଗଲା ତା ବାଟରେ । ଲବଙ୍ଗ ହେଲା ତପସ୍ୱିନୀ । ପୁରୁଷଙ୍କ ନାଁ ଧରିଲା ନାହିଁକି ଛୁଇଁଲା ନାହିଁ ।

ବୁଝିଲୁ ଶୁଆ ! ପୁରୁଷମାନଙ୍କ ଗତି ମତି ଏଇ ପ୍ରକାରର । ତୋଟାଏ ଶୁଖିଲା ବାହାଦୁରି ଦେଖାଉଛୁ କ'ଣ ?

ଶୁଆ କହିଲା—ହେଇଟି ! ସାବଧାନ ହୋଇ କଥା କହ ଶାରୀ ! ଶୁଣ୍‌ ଦେବକୀ ଖଣ୍ଡିଆ ଜଣ ମୋତେ ବାହାଦୁରି ଦେଖାଇଲା । ଭଲ ବାହାଦୁରି ଦେଖାଇ ହୋ'ନା । ନାରୀମାନଙ୍କ ଗୁଣଗ୍ରାମ

ମୋତେ ବହୁତ ଜଣା ଅଛି । କହୁଥିଲେ ସାତଖଣ୍ଡ ରାମାୟଣ ଓ ଅଠର ପର୍ବ ଭାରତ ପୁସ୍ତକ ପଢ଼େ, ସେମାନଙ୍କ ଗୁଣ ଗ୍ରାମ ଓ ପୁରୁଷ ମାଉଣା କାହାଣୀ ସହିତ ନାହିଁ । ଟିକଏ କାନ ଯୋଡ଼ାକ ଡାଳା ରଖି ଶୁଣ । ମୁଁ କହୁଛି ସେଇ ପତ୍ରର ଧାଡ଼ି ବନ୍ଧା ଚୌଖଣ୍ଡି ଓ କୁଠରେ ଲେଖା ହୋଇଥିବା ରଙ୍ଗିନ୍ ଚିତ୍ର ଛତିଆ ପାଟେଇ।

ଝିମିଟି ଖେଳରୁ ଭାରତ ରଣ
ଲେଖୁ ଲେଖୁ ପାଲଟିଲେ କରଣ ।
ଗୁଣ ଦେଇ ତେଡ଼ ତେଡ଼ କହେ କନ୍ଦୁଅ
କଣି ଅଣି ଦେବୁ ନୂଆ ମନ୍ଦୁଅ ତୁ
ଗନ୍ଧବର ପାଣୁ ସେଇ
ଚରଣ ଧରି ମୁଁ ଡାକୁଛି ପିଠିକ
ଝଜପୁ କରି ଗୋଟେଇଁ ।
ଜଦା ପିମ୍ପୁଡ଼ିଙ୍କ କାହାଘରକୁ
କାଠ ବେଙ୍ଗ କେଉଁଠି ଥିଲା ବରକୁ ।
ଜଇଁଛ କଣ୍ଟାକ ଦୁଧ ମୁଁ ଦେଉ
ଭଲ ଛିଗ ଦେବ ପ୍ରଶଂସା ନେବ ସେ
ନେଉଳ ନାଇବ ଗୁଣା
କହୁଛି କାହାଣୀ ତା ଆଗରୁ ଖାଲି
ଧୂପ ଦେଇ ଖାଣ୍ଟି ଝୁଣା ।
ବେଲର ଘରେ ନଡ଼ ଅଲୁଅ ନାହିଁ
କୁଣ୍ଡ ଗଲୁ କଲା ଓଲୁଅ ଖାଇ ।
ବେଲୁଅ ମାରକ ଗାଲୁଆ ଟୋକା
ବଲୁଆ ମାନଙ୍କୁ ବନାଇ ବୋକା ସେ
ମଇଳା ତଟେଇ ତୁଆଣୀ
ମନ ଦେଇ ଶୁଣ ଚାରିଜାତି କାଳ
ଅବଲିରକସ କାହାଣୀ ।

Digitized by srujan ka@gmail.com

# ପାରିଜାତ ବାଳା ଓ ଅକ୍ସରଜରା କାହାଣୀ

ସେଇ ଘାଟ ବନ୍ଧା ପୋଖରୀ ଭିତରେ ବୁଡ଼ପକା ପ୍ରବୀର । ତା ଗୋଡ଼କୁ ଧରି ଟାଣି ନେଉଥିଲା ଗୋଟିଏ କଇଁଛ । ଦେଖିବାକୁ କୋଡ଼ିଏ ବୋଝିଆ ବେଙ୍ଗ ଭଳି ତା'ର ଦେହ । ଗୋଡ଼ ଚାରିଟା ଖୁବ୍ ମୋଟା । ପିଠି ଉପରେ ଯୋଉ ଖୋଳ ଅଛି, ତା ଉପରେ ବଜ୍ର ପଡ଼ିଲେ ବି ସ୍ୱ ତାଏ ଟଳିବା କଷ୍ଟ । ପାଣି ଭିତରର ଗୋଟାଏ ବୀର ଜନ୍ତୁ ସେ । ପ୍ରବୀରକୁ ଧରି ନେଇ ପାଣିଏ ପାଣିଏ ଚାଲିଗଲା ବହୁତ ତଳକୁ । ଅନ୍ୟ କେହି ହୋଇଥିଲେ ଅବଶ୍ୟ ନାକ କାନରେ ପାଣି ପଶି ଯାଇ ଅଶକ୍ତ ହୋଇ ଯାଇ ଥାଆନ୍ତା । ପ୍ରବୀର ପକ୍ଷେ ସେମିତି କିଛି କଷ୍ଟ ହେଲା ନାହିଁ ।

କାରଣ ?

ଜନ୍ମ ଦିନଠାରୁ ଗଙ୍ଗା ମାତାଙ୍କ କରୁଣା ପାଇ ସେ ପାଣି ଭିତରେ ବଢ଼ିଛି, ଖେଳୁଛି, ବୁଡ଼ୁଛି, ସବୁ କରୁଛି । ପାଣିରେ କେମିତି ବୁଡ଼ିକରି ଯିବା ଆସିବା କରିବାକୁ ହୁଏ, ସେ କାଇଦା ଭଲ ରକମ ଜଣା ଅଛି ତାକୁ । ତେଣୁ ସେ କିଛି କଷ୍ଟ ଅନୁଭବ କରୁ ନ ଥିଲା ।

ପାଣି ଭିତରେ ଗୋଟିଏ ନବୁଜ ଘର । କାନ୍ଥ କାଚ, ଛାତ କାଚ ସେ ଘରେ ଯେତେ ଆସବାବ ପତ୍ର ଅଛି ସବୁ କାଚ । କବାଟ, ଚୌକାଠ ଝରକା, କାଚ ଛଡ଼ା ଆଉ ଅନ୍ୟ କିଛି ନୁହେଁ । ଯୋଡ଼େଇ ଜାଗାମାନଙ୍କରେ ଜଉମୁଦ ଦିଆ ଯାଇ ତା ଉପରେ ଏଭଳି ଏକ ଅଠା ଦିଆ ଯାଇଛି ଯେ, ପାଣି କେବେହେଲେ ତାକୁ ଧୋଇ ନେଇ ପାରିବ ନାହିଁ । ସବା ଉପରେ ଦିଆଯାଇଛି ପିଚ୍ । କଇଁଛ ପ୍ରବୀରକୁ ନେଇ ପହଞ୍ଚିଲା ସେଇ ଘରେ ।

ଏତେ ବଡ଼ ପ୍ରକାଣ୍ଡ ଘର । ଜଣକ ଛଡ଼ା ଆଉ କେହି ମଣିଷ ନାହାନ୍ତି । ସିଏ ବି ମଣିଷ ହିସାବରେ ମଣିଷ ନୁହେଁ । ଗୋଟିଏ ଧୋବଡ଼

Digitized by srujan ka@gmail.com

ବୁଢ଼ୀ । ତାକୁ ଶହେ ବର୍ଷ ହେଲାଣି କି ଦୁଇ ଶହ ବର୍ଷ ହେଲାଣି, ସେ କଥା ଜାଣିବା ବଡ଼ କଷ୍ଟ । ପାଟିରେ ଦାନ୍ତ ନାହିଁ ପେଟରେ ଅନ୍ନ ନାହିଁ । ମୁଣ୍ଡ ବାଳ କେବଳ ପୂରାପୂରି ଉପୁଡ଼ି ଯାଇ ନାଣ୍ଡୀ ମୁଣ୍ଡି ଅବସ୍ଥାରେ ଅଛି । ତଥାପି କାନ୍ଦୁଥାଏ । କୋରଡ଼ ଭିତରିଆ ତା ପଦ୍ମ ପଲ୍ଲବ ଆଖିରୁ ସବୁବେଳେ ବଡ଼ଥାଏ କୋଳ ଭିଜିଆ ଟୋପାକୁ ଟୋପା ଲୁହ । ମନର ସବୁ ମଇଳା ଯାଉଥାଏ । ସତେ ଯେମିତ କହୁଛି ହଜି ଯାଇଛି ତାର । ସେମିତ ମନେ ହେଲା ପ୍ରଭାତ । ଭଲୁଥିଲା କରିଛନ୍ତି ତାକୁ ଧରି ନେଇଛି ଖାଇବା ପାଇଁ । ପ୍ରଥମେ ମନ ଭିତରେ ରାଗ ଆସିଲା । ସେତେବେଳେ ଇଚ୍ଛା କରିଥିଲେ ସେ ଲଣ୍ଡପୁ ତାକୁ ଅକ୍ଳେଶରେ ମାରି ଦେଇ ପାରିଥାନ୍ତା । ମାତ୍ର ବିବେକ କହିଲା—

ଧୈର୍ଯ୍ୟ ଧର ଧୀରେ  ଦେଖ ଭବିଷ୍ୟତ
ଆସୁଛି ବିପଦ ଜଣା ସଂପଦ
ନ ବୁଝି ନ ସୁଝି  କ୍ରୋଧ ପ୍ରକାଶିଲେ
ନିଜ ଉପରକୁ ଆସେ ବିପଦ ।

ସେହି କଥାକୁ ଗୁରୁଜ୍ଞାନ କରି ଭବିଷ୍ୟତ ପ୍ରତି ଅପେକ୍ଷା ରଖିଲା । ଯାହା ଫଳରେ ସେଇ କରିଛନ୍ତି ତାକୁ ଆଣି ପହଞ୍ଚାଇ ଦେଲା ଗୋଟିଏ ଅଦ୍ଭୁତ ସ୍ଥାନରେ । ସ୍ଥାନଟିର ନୂତନତା ଅପେକ୍ଷା ବୁଢ଼ୀଟିର ହାବ ଭାବ ଆହୁରି ଆଶ୍ଚର୍ଯ୍ୟ ଜଣାଗଲା ତାକୁ । ତେଣୁ ବୁଢ଼ୀ କିଛି କହିବା ପୂର୍ବରୁ ତାକୁ ପଚାରି ଦେଲା ପ୍ରଶ୍ନଟିଏ । ତୁ କିଏ ଲୋ ବୁଢ଼ୀ ମାଉସୀ ! ପାଣି ଭିତରେ ଘର କରି କାହିଁକି ଅଛୁ ? ଏଭଳି କାନ୍ଦୁଛୁ କାହିଁକି ?

ଏତିକି ଶୁଣିବା ମାତ୍ରେ ବୁଢ଼ୀ ତୁଣ୍ଡରୁ ବାହାରି ପଡ଼ିଲା ମେଞ୍ଚାକୁ ମେଞ୍ଚା କଲ୍ୟାଣ । ଆଖିରୁ ଲୁହଧାର ଶୁଖିଗଲା । ଗଦ୍ ଗଦ୍ କଣ୍ଠରେ ସେ କହିଲା କାନ୍ଦୁଛି, ମୁଁ ଭଲ ଭଉଣୀ । ମୋ ନାଁ ଟା ବ

ଜଳେ କା । ଆମେ ଗୋଟାଏ ଜାତର ମଣିଷ । ପୁରୁଷାନୁକ୍ରମେ ପାଣି ଭିତରେ ଘର ସଂସାର କରି ଚଳି ଆସୁଛୁ । ପାଣି ଭିତରେ କେମିତି ଚଳିବାକୁ ହୁଏ, ଜଳୀୟ ଖାଦ୍ୟ ଗ୍ରହଣ କରିବାକୁ ଉଚ୍ଚେ, ଯିବା ଆସିବାର ଉପାୟ କଣ, ସେ କଥା ବି ଜାଣି ସାରିଛୁ । ନିଜର କାମ ଦାମ କରାଇ ନେବାକୁ ଜଳଚର ଜୀବମାନଙ୍କ ଭିତରୁ କେତେକଙ୍କୁ ପୋଷା ମନାଇ ପାରିଛୁ । ହେଲେ ସେଇ ମଣିଷ ଆମ୍ଭେ ।

ମୋର ପୂର୍ବ-ପୁରୁଷ ଏଇ ଘରେ ରହୁଥିଲେ । ମୁଁ ବି ଅଛି । ଅନ୍ୟମାନେ ମରି ଗଲେଣି । ମୋର ଗୋଟିଏ ବୋଲି ଝିଅ । ନାଁ ଓଲର ପାରିଜାତବାଳା । ସିଏ ମୋ ପାଖରେ ରହୁଥିଲା । ଯୁବତୀ ଝିଅ । ମନଲାଖି ଯୁବକଟିଏ ସାଙ୍ଗରେ ହାତକୁ ଦି' ହାତ ନ ହେଲେ ମନର ସରସତା ମଉଳି ପଡ଼ିବ । ଏଥିପାଇଁ ମୁଁ ମନେ ମନେ ବରପାତ୍ର ଖୋଜିଲି । ଏଇ ପୋଖରୀର ପାହାଚ ଉପରେ ଚାରି ଚଉପଦିଟି ଲେଖାଇ ରଙ୍ଗ ଚଢ଼ାଇ ଦେଲି । କାରଣ ? କେତେ କେତେ ରଜା ପୁଅମାନେ ଶିକାର କରି ଆସିଲେ ଏଇଠିକି ଆସନ୍ତି ପାଣି ପିଇବାକୁ । ସେମାନଙ୍କ ଦୃଷ୍ଟି ଚଉପଦି ଉପରେ ପଡ଼ିଲେ ଅବଶ୍ୟ ଖୋଜା ଲୋଡ଼ା ହେବ । କଥାରେ ଅଛି—

ରଜା ପୁଅ ଜଡ଼ଖୋର ମନ ହେଲେ ସତ
ସରଗ ଶଶୀ ପାଖକୁ ସେ ବଢ଼ାଇବ ହାତ ।
କରିବେ ଅବା ମନ୍ତ୍ରେ ସେ ଯେ ନ ଡରିବେ ଛଳେ
ଛଡ଼ ପାଇ ପୂରାଇବେ ହାତ ସର୍ପ ବିଳେ ।

ରଜାପୁଅମାନେ ଝିଅଟିଲେ ଏକଥାକୁ ବଧା କରିବେ । ନ ପାରିଲେ ଜୀବନ ଦେବେ ପଛକେ, ପଛକୁ ପାଦ ପକାଇବେ ନାହିଁ, ଏଇ ଥିଲା ମୋର ଏକମାତ୍ର ଧାରଣା । ମାତ୍ର ଫଳ ଫଳିଲା ଓଲଟା ।

Digitized by srujan ka@gmail.com

ଅକବଟରସ ବୋଲି ଗୋଟାଏ ମ୍ଳେଚ୍ଛ । ଖୁବ୍ ବଳୁଆ, ମୋଟା, ଡେଙ୍ଗା ଓ ଦୁଃସାହସୀ । ବେଳ ହେଲେ ଅସୁରମାନଙ୍କୁ କୋଳିଆ ହେଇ ଗୋଷ୍ଠି ଏଣୀ ତାର ଦୃଷ୍ଟି ହେଲା ଶଶ ଉପରେ । ମାସ ମାସ ଲଗି ପାରିଜାତକୁ ସେ ଦେଖିଲା । ସେ ଯେଉଁବେଳେ ପାଣି ଉପରକୁ ଯାଇ ଗାଧୁଆ ପାଧୁଆ କରେ, ଠିକ୍ ସେତିକିବେଳେ ଗୋଡ଼ାଏ ଧରିବାକୁ । ବୁଢ଼ାଟେଲ ଆଉ କିଛି କରି ପାରେ ନାହିଁ ।

ଥରକୁ ଥର ଅପମାନ ପାଇ ଖୁବ୍ ରାଗି ଉଠିଲା ମ୍ଲେଚ୍ଛଟା । ସେ ଯାଇ ନାନା ସ୍ଥାନ ବୁଲି ନାନା ଯୋଗାଡ଼ କରି ପାଇଲା ଖଣ୍ଡେ ଉଠାବୁଡ଼ା ମନପବନ ଡଙ୍ଗା । ସେଇ ଡଙ୍ଗାରେ ବସି ଅଲକ୍ଷରେ ଧରିନେଲା ପାରିଜାତକୁ । ସେଇଦିନ ଠାରୁ ମୋର ଆଖିଲୁହ ଶୁଖୁ ନାହିଁ ।

ପଚାରିଲା ତାକୁ ରଖିଛି କେଉଁଠି ?

କହିଲା—ଶୁକର ମୁଣ୍ଡା ପର୍ବତ ଉପରେ ଅଛି ଗୋଟିଏ ଅଭେଦ୍ୟ ଦୁର୍ଗ । ଲୋକେ ତାକୁ କହନ୍ତି ସୈତାନ ଡେରା । ତାର ଭିତରେ ରଖି ବନ୍ଦୀ ହେବା ପାଇଁ ଭାରି ଜୁଲୁମ କରୁଛି । ହେଲେ, ପାରିଜାତ ମୋର ମୋଟେ ରାଜି ହେଉନାହିଁ । ସବୁବେଳେ ଖାଲି କାନ୍ଦୁଛି । ଅଖିଆ ଅପିଆ ପଡ଼ି ପଡ଼ି ଦେହ ତାର କଣ୍ଠା ହୋଇ ଗଲାଣି । ଏବେ ମୁଁ କ'ଣ କରିବି, କେମିତି ସେ ବଞ୍ଚିବ ?

ସୁବୀର ତାକୁ ବୋଧ ଦେଇ କହିଲା—ଦେଖ୍ ମାଉସୀ ! ତୁ' ଆଉ ମୋଟେ ବ୍ୟସ୍ତ ହୋ' ନା । ଯାହାର ହେବାର ହୋଇଗଲାଣି ମୋତେ ଖାଲି ଟିକିଏ ଶୁକର ମୁଣ୍ଡା ପର୍ବତକୁ ଯିବା ବାଟ ବତାଇ ଦେ । ମୁଁ ଯେ କୌଣସି ଉପାୟରେ ଅକବରକସ ମ୍ଳେଚ୍ଛକୁ ଶାସନ କରି ପାରିଜାତକୁ ଘେନି ଆସିବି । ତୁ ଅବଶ୍ୟ ଝିଅଟିକ' ପାଖରେ ପାଇ ସନ୍ତୋଷ ହେବୁ ।

Digitized by srujan ka@gmail.com

ବୁଢ଼ୀର ଆନନ୍ଦ ଦେଖେ କିଏ ? ଆନନ୍ଦରେ ଗଦ୍‌ଗଦ୍ ହୋଇ କୁଣ୍ଢାଇ ଧରିଲା ପ୍ରବୀରକୁ । କହିଲା—ପାରିଜାତକୁ ଉଦ୍ଧାର କରି ଆସିଲେ ମୁଁ ତୋରେ ତା ସଙ୍ଗେ ବାହା କରିଦେବି । ଏମିତି କଥାବାର୍ତ୍ତା ହୋଇ ପ୍ରବୀର ବାହାରି ପଡ଼ିଲା । ବାଟ ଘାଟ ଖୋଜି ପହଞ୍ଚିଲା ଶଙ୍କର ମୁଣ୍ଡା ପର୍ବତରେ । ଦୁର୍ଗ ଭିତରେ ପଶି ବନ୍ଦୀଶାଳରୁ ମୁକ୍ତ କଲା ପାରିଜାତକୁ । ବୁଢ଼ୀର ସକଳ କଥା କହିଲା । ଦୁହେଁ ରାସ୍ତା ଫେରନ୍ତୁ ହେଲେ । ତାଙ୍କର ବାହାଣଚନ୍ଦ୍ର ପିବାକୁ, ଏମିତିବେଳେ ଅଜଗରଟିଏ କୁଆଡ଼ୁ ଆସି ଦେଲା ଗୋଟିଏ ଥାପୁଡ଼ା ପ୍ରବୀରକୁ । ସେତିକିରେ ଟଳି ପଡ଼ିଲା ପ୍ରବୀର । ମୁଣ୍ଡ ଭିତର ବୁଲାଇ ଦେଲା ବାତ ଚକ୍ରପରି । ହେଲେ ଧୈର୍ଯ୍ୟଧରି ଟିକିଏ ପରେ ଉଠି ପଡ଼ିଲା ଏବଂ ମାଟି ସାପକୁ କହିଲା—ଅଜଗରକୁ ଦଂଶନ କରିବାକୁ ।

ଆଦେଶ ମାତ୍ରେ ମାଟି ସାପ ଯାଇ ଦଂଶନ କଲା ଖୁବ୍ ଜୋର୍ । ତା ପରେ ଅଜଗର ମରିଗଲା । ପାରିଜାତବାଳାକୁ ନେଇ ଫେରି ଆସିଲା ପ୍ରବୀର । ଝିଅକୁ ପାଇ ଖୁସି ହେଲା ଜଳୌକା । କହିଲା—ଦୁହେଁ ବାହା ହୋଇ ଖୁସିରେ ରହ ।

ମାଆ କଥା ମାନି ପାରିଜାତ ବାହା ହେଲା ପ୍ରବୀରକୁ । ଦୁହେଁ କିଛିଦିନ ଖୁବ୍ ଖୁସିରେ ରହିଲେ । ଶଶୁର ଓ ମନକୁ ପୂର୍ଣ୍ଣ କଲେ ତା ପରେ ବୁଢ଼ୀକୁ କହି ବୋଲି ବାହାରିଲେ ବନସ୍ତ ଭ୍ରମଣ କରିବାକୁ ।

ବାଟରେ ଗୋଟିଏ ନଦୀ ପଡ଼ିଲା । ଅଗାଧ ପାଣି ସେଥିରେ । ଡଙ୍ଗା ବିନା ପାରି ହେବାକୁ ଉପାୟ ନାହିଁ । କେବଳ ଯୁବକଟିଏ ବାଟ ପକାଇ ଥାଏ । ଡାଳରେ ପକାଇ ଗାମୁଛା । ମୁହଁରେ ଘନ କଳା ଘନ ଦାଢ଼ୀ । ପ୍ରକୃତରେ ନବ ତରୁଣୀ ମାନେ ତାକୁ ଦେଖିଲେ ମୋହିତ ହେବାର କଥା । ପାରିଜାତ ବି

Digitized by srujan ka@gmail.com

ତାକୁ ଦେଖି ଏକ ପ୍ରକାର ଆକୃଷ୍ଟ ହୋଇ ପଡ଼ିଲେ । ମନ ରହିଲା । କେବଳ ତା'ଙ୍କ ଠାରେ । ସ୍ୱାମୀଙ୍କ ହେତୁ ହୋଇ ଅନାସ୍ଥା ଆସିଲା । କ'ଣ କରିବ, କେମିତି ସେ ପାଖରୁ ଅନ୍ତର ହୋଇଗଲେ ଏଇ କେଉଟ ଟୋକାକୁ ଆପଣାର କରି ନପାରି ।

କଥାରେ ଅଛି—

ବେ୍ୱରକୁ ବେ୍ୱର ଗନ୍ଧେ
ପୁରୁଷା ବେ୍ୱରକୁ କଣ୍ଡ୍ରା ଗନ୍ଧେ ।

ପାଖଜାତ ଡାହାଣୀଙ୍କ କେଉଟ ଟୋକା ଗୁଣିଆ । କେହି କାହାକୁ କମ୍ ନୁହନ୍ତି । ମନ କଥା ପାଇ ଆଖି ଠାର ଦ୍ୱାରା କଥାବାର୍ତ୍ତା ହୋଇଗଲେ । କେମିତି କ'ଣ କରିବ, ସେ କଥା ପାଖଜାତ ବତାଇ ଦେଲା କେଉଟ ଟୋକାକୁ । ଡଙ୍ଗା ଯାଇ ମଝି ନଈରେ । ଯୋଉଠି ପ୍ରବଳ ଗଣ୍ଡ ଓ କୁମ୍ଭୀର, ମଗର ଭେଳାକୁ ଭେଳା, ସେଇଠିକି ଡଙ୍ଗା ବାହିନେଲା । ମଲ ମଲା ଉଠୁଥାଏ ପବନ ପଣ । ଠିକ୍ ବେଳା ଓ ଠିକ୍ ସ୍ଥାନରେ ପେଲି ଦେଲା ସ୍ୱାମୀରକୁ ।

ମଲ ମଲାରେ ଚଢ଼ି ରହିଗଲା ସ୍ୱାମୀର । ନାକ କାନରେ ପାଣି ଓ ବାଲି ପଶିଗଲା । କିନ୍ତୁ କ୍ଷଣ ପରେ ଅସ୍ତବ୍ୟସ୍ତ ହୋଇ ଉଠିଲା ପୁଣି ପାଣି ଉପରକୁ । ପାଣିର ପୁଅ ସେ । ପିଲାଦିନୁ ପାଣିରେ ବଢ଼ିଛି । ଡର କ'ଣ ? କେବଳ ପାଖଜାତର ମନ୍ଦବଡ଼ଵା ପାଇଁ କହିଦେଲା—ଗୋଟିଏ ପଦ ।

ପୁଣ୍ଡଥିଲ ତୁମେ ଘୋର ବିପଦରେ
ତାର, ପୁଣି ବନ୍ଧୁ ହେଲ
ସ୍ୱଷ୍ଟ ଲୁଟିଥିବା ସୋହାଗ ଆଦର
ଯବୁତ ତୁମକୁ ଦେଲି ।
ଆଖି ଆଗେ ବସି ଦେଖୁଛ ଧୀବର
ଠେଲି ଦେଲା ଘନ୍ତ ଜଳେ

Digitized by srujan ka@gmail.com

ଜଳକନ୍ୟା ତୁମେ    ପାରିବ କି ଚାଖି
ନନ୍ଦ ବୁଦ୍ଧି ଉଦ୍ୟା ବଳେ ?

ପାରିଜାତ ବାଳା ହସିଲା । କେଉଁଠି କୋକିଳା ମୃଦଙ୍ଗ ଭଙ୍ଗରେ ଘୋଟାଏ କଟାକ୍ଷ ହାଣି ଦେଇ ପାରିଜାତ କହିଲା—

ଧାତା ଯାହା ହସ୍ତେ    ଲେଖିଅଛନ୍ତି ଯାହା
ନିଶ୍ଚେ ସେ ତାହା ଭୋଗିବ
ମନୁଷ୍ୟ ବଳରେ    କଦାପି କାହାର
ଦୁଃଖ ଦୂରତ ନ ଯିବ ।
ଅଯୁ ଶେଷ କାଳେ    ମୃତ୍ୟୁର ତାଣ୍ଡବ
ଦେଖାଦିଏ ଅକସ୍ମାତ୍
ସେଥିପାଇଁ ମନେ    ଦୁଃଖ ନ କରିବା
ବିବେକୀ ପକ୍ଷେ ଯଥାର୍ଥ ।
ସତେ ଲେ ଖେଳ    ଶାନ୍ତ ଧାମେ ଚଳ
ପରମ ଶାନ୍ତ ଧାମକୁ
ଶକ୍ତି ନାହିଁ ମୋର    ବଞ୍ଚାଇବା ପାଇଁ
ତେଣୁ ନିନ୍ଦୁଛି କର୍ମକୁ ।

ଏତେ ଦୁଃଖରେ ପ୍ରବୀର ଚ ନ ହସି ରହି ପାରିଲ୍ଲା ନାହିଁ । ତା ପରେ କହିଲା—

ଆରେ ବାରନାସ୍ତ    ଜାଣିଛ ତୁମର
ମନ ତଳର ଭାବନା
ମୋତେ ମାରି ଏହି    ଧୀବର ସ୍ତ୍ରୀକୁ
ନେଇ ମନରେ କାମନା ।
ଭଲ ଦେଲ ଧର୍ମ    ବଞ୍ଚାଇବ ମୋତେ
ନିଶ୍ଚେ ମୁଁ ତୁମକୁ ଜଗିବ
ତୁମରି ଘରେ    ଚରାକା ଉଡ଼ାଇ
ଫସାରେ ଭଜ ମାଡିବ ।

Digitized by srujan ka@gmail.com

ଜଳ କୁମାର ମୁଁ ଜଳରେ କଦାପି
ନ ହେବ ଜାଣ ବିନାଶ
କେବଳ ଦେଖାଇ ଦେବ ଧରମକୁ
ନସୃଷ୍ଟର ଉପହାସ ।
ସତ୍ୟ ଯେବେ ମୋର ଗଙ୍ଗା ଦେବୀ ଦତ୍ତ
ମାଟି ସାପ ଗୋଟି ହବେ
ଦଂଶୁ ସେ ତୁମକୁ ନୌକାରେ ସହସା
ଅଯଥା ନ ହେଉ ଲବେ ।

ଏତିକ କହୁ ସ୍ତ୍ରୀର ମାଟି ସାପ ଗୁଡ଼ ହେଲ । ତାର ଦଂଶନରେ ପାଣ୍ଡଜାତ ଓ ଧୀବର ମଲେ । ଉଙ୍ଗାଟି ଅସହାୟ ହୋଇ କେବଳ ପବନ ବଳରେ ଭାସି ବୁଲିଲା ନଈ ସାର । ସ୍ତ୍ରୀର ସାଇ ଗ୍ରାମେ ଗ୍ରାମେ କେନ୍ଦର ବଜାଇ ଭିକ ମାଗିବା ଛଳରେ ବୋଲୁଥିଲ ।

ଯେଉଁ ନାରୀ ପାଇଁ ଜୀବନକୁ ତୁଚ୍ଛ
କଲି ମ୍ଲେଚ୍ଛକୁ ନାଶିଲି
ସେ ନାରୀ ଇଙ୍ଗିତେ ଉଙ୍ଗାରୁ ଖସି ମୁଁ
ଅଗାଧ ଜଳେ ଭାସିଲି ।
ନାରୀଙ୍କର ମନ- ଛଳେ କଏ ଅଛୁ
ବୁଝି ନ ପାରଇ ନର
କେବଳ ମାୟାରେ ବନ୍ଦୀ ହୋଇ ଯାଇ
ହେଉଅଛୁ ଜରଜର ।
ନାରୀ ତୁହେଁ ସେନ୍ତ କୁହୁକ ପ୍ରତିମା
ମୂର୍ତ୍ତିମନ୍ତ ଅବିଶ୍ୱାସ
ମୋହିନୀ ମନ୍ତ୍ରରେ ଭୁଲଣ ପୁରୁଷ
କେବଳ ହେଉଛୁ ନାଶ ।

Digitized by srujan ka@gmail.com

ନାରୀ ଗୁଡ଼ ହର      ଧର୍ମେଲ ଗାବରେ
ସୁଖ ଶାନ୍ତି ହରାଇବ
ଆଗେ ସାରୀ ଏହି      ଶୁଆଁର କହିବା
ଆଉ କେବେହେଁ ନୋହିବ ।

ସାରୀ କହିଲା—ହଉରେ, କହୁ ଯା, ଯାହା କହିବାର କଥା । ମୋ ବେଳ ପଡ଼ିଲେ ପୁଣି ମୁଁ ଦେଖ ପଟାଏ ନାଚୁ ଯେ !

ସାରୀ କହିଲା—

ଛଳରେ ଭଲ      ନ ହେବ ଖଲ
କାହାଣୀ ଥାଏ ଏଠି
ନଣ୍ଡ ବନ୍ଧରେ      ଜାମିନା ଯାଇ
ଚଳାଇଛନ୍ତି ବେଠି ।
ସାନ୍ତୁ କଆର      ଲହପି ଯାଏ
ଓଲଟ ମାରେ ଗଜା
ଆଉଜା ଗର      ପାଇଲେ ଢାଲି
ଦେଖିବ ଶୁଆ ମଜା ।

—ସମାପ୍ତ—

ମୁଦ୍ରାକର—ଶ୍ରୀ ନାରାୟଣ ମଣ୍ଡା, ଶାରଦା ପ୍ରେସ,
ପେଣ୍ଟ୍ ବଜାର, କଟକ-୮

Digitized by srujan ka@gmail.com

# ଶାରଦା ପ୍ରେସ୍ ପ୍ରକାଶିତ ପୁସ୍ତକାବଳୀ

| | | | |
|---|---|---|---|
| ମହାଲକ୍ଷ୍ମୀ ପୁରାଣ | ୫-୦୦ | ବେତାଳ ପଞ୍ଚବିଂଶତି | ୩-୫୦ |
| ସତ୍ୟ ବିନୋଦ | ୫-୨୫ | ଗୀତ ଗୋବିନ୍ଦ | ୧-୭୫ |
| ଶୁଆସାରୀ ସେଟ୍ | ୭-୫୦ | ଅବୋଲକରା ସେଟ୍ | ୮-୦୦ |
| ପଦ୍ମ ପୁରାଣ | ୪-୫୦ | ଶ୍ରୀମଦ୍ଭାଗବତ ଗୀତା | ୪-୦୦ |
| ବିଲଙ୍କା (ପୂର୍ବ) | ୩-୦୦ | ଲକ୍ଷ୍ମୀପୁରାଣ (ଗ୍ଲେଜ) | ୦-୯୦ |
| ବିଲଙ୍କା (ଉତ୍ତର) | ୩-୫୦ | ଶୁକବିଳାସ | ୩-୫୦ |
| କଳ୍କୀ ପୁରାଣ | ୫-୦୦ | ଖୁଲଣା ସୁନ୍ଦରୀ | ୩-୫୦ |
| ଜୈମିନୀ ଭାରତ | ୮-୦୦ | ଗୃହଶାଳୀ ପାଠ | ୧-୨୫ |
| ଗରୁଡ଼ ପୁରାଣ | ୩-୨୫ | ଟୀକା ଗୋବିନ୍ଦଚନ୍ଦ୍ର | ୧-୨୫ |
| ମାର୍କଣ୍ଡେୟ ପୁରାଣ | ୭-୦୦ | ହନୁମାନ ପ୍ରଶ୍ନ | ୧-୨୫ |
| ସୂର୍ଯ୍ୟ ପୁରାଣ | ୩-୫୦ | ବର୍ଣ୍ଣବୋଧ | ୦-୯୦ |
| ଶ୍ରୀରାମଲୀଳା | ୪-୫୦ | ଗୋପଲୀଳା | ୪-୫୦ |
| ଟୀକା ରାମାୟଣ | ୧-୨୫ | ଏକାଦଶ ସ୍କନ୍ଧ | ୩-୫୦ |
| କାର୍ତ୍ତିକ ମାହାତ୍ମ୍ୟ | ୩-୨୫ | ଜଙ୍ଗଲ କାହାଣୀ | ୧-୭୫ |
| ସ୍ୱପ୍ନ ରତ୍ନାକର | ୩-୨୫ | ଅଦ୍ଭୁତ କାହାଣୀ | ୧-୫୦ |
| ବତିଶ ସିଂହାସନ | ୩-୫୦ | ନାକେଦମ୍ (ସେଟ୍) | ୩-୦୦ |
| ବାତ୍ସ୍ୟଚାଭକ୍ତ ସେଟ୍ | ୭-୫୦ | ଚଣ୍ଡୀପୁରାଣ | ୩-୭୫ |
| ଭାଗବତ ସେଟ୍ | ୩୨-୦୦ | ନାମରତ୍ନ ଗୀତା | ୧୪-୫୦ |
| ଦ୍ୱାରିକା ଲୀଳା | ୫-୦୦ | ହିଙ୍ଗୁଷୀ | ୦-୮୦ |
| ଖନାବଚନ | ୨-୨୫ | କୋକଶାସ୍ତ୍ର | ୩-୫୦ |
| ଗଣେଶ ପୁରାଣ | ୨-୭୫ | ରାଜକୁମାରୀ (ସେଟ୍) | ୫-୫୦ |

—ପ୍ରାପ୍ତିସ୍ଥାନ—

**ଶାରଦା ପ୍ରେସ୍**

**ଶେକ୍ ବଜାର, କଟକ—୮**

Digitized by srujan ka@gmail.com